## ସଂକ୍ଷେପରେ

### ୫ ବାଲି ବୋଝେଇ ହାଇୱା ଜବତ



**ପାଣିକୋଇଲି,୧୬।୯(ବିକାଶ କୁମାର ମଲିକ):**

ବାଲି ଚୋରା ଚାଲାଣ ବନ୍ଦ କରିବାକୁ ଯେତେ ପ୍ରୟାସ କଲେ ବି ରାତି ଅଧିଆ ଚାଲିଛି । ଯାଜପୁର ଜିଲା ପାଣିକୋଇଲି ଆଙ୍ଗୁଲା ରାସ୍ତା ଦେଇ ରବିବାର ବିଳମ୍ବିତ ରାତିରେ ବାଲି ଚୋରା ଚାଲାଣ ହେଉଥିଲା । ଏହି ଖବର ପାଇ ପାଣିକୋଇଲି ପୋଲିସ ସେଠାରେ ଚଢ଼ାଉ କରି ୫ଟି ବାଲି ବୋଝେଇ ହାଇୱା ଜବତ କରିଛି । ମତାବାଦ ଘାଟରୁ ଏହି ବାଲି ବୋଝେଇ ଗାଡ଼ି ଆସୁଥିବା ଖବର ପାଇ ଥାନାଧିକାରୀ ରଞ୍ଜନ କୁମାର ପ୍ରଧାନଙ୍କ ନିର୍ଦ୍ଦେଶରେ ସବ୍‌ଇନ୍‌ସପେକ୍ଟର ବିଶ୍ୱରଞ୍ଜନ ଦାସ, ହାବିଲଦାର ସୁଲୋଚନ ବେହେରା, ବ୍ରଜ କିଶୋର ସ୍ୱାଇଁ, ଗଣେଶ ଲେଙ୍କା ପ୍ରମୁଖ ସଦଳବଳେ ସେଠାରେ ଚଢ଼ାଉ କରିଥିଲେ । ବାଲି ବୋଝେଇ ହାଇୱା ଚାଳକ କୌଣସି କାଗଜପତ୍ର ଦେଖାଇ ନ ପାରିବାରୁ ପୋଲିସ ସେହି ଗାଡ଼ିଗୁଡ଼ିକୁ ଜବତ କରି ଥାନାକୁ ଆଣିଛି । ଏ ସଂକ୍ରାନ୍ତରେ ଅଧିକ ତଦନ୍ତ ଜାରି ରହିଛି । ଉକ୍ତ ଗାଡ଼ିଗୁଡିକ ସଂକ୍ରାନ୍ତରେ ଖଣି ବିଭାଗକୁ ଅବଗତ କରାଯାଇଛି । ଖଣି ବିଭାଗରେ ଜରିମାନା ଦେବା ପରେ ଗାଡ଼ିଗୁଡ଼ିକୁ ଛଡ଼ା ଯିବ ବୋଲି ଥାନାଧିକାରୀ କହିଛନ୍ତି ।

### ଲିଙ୍ଗେଶ୍ୱର ଉନ୍ନୟନ କମିଟି ସଦସ୍ୟଙ୍କ ପରଲୋକ



**ପାଣିକୋଇଲି,୧୬।୯(ବିକାଶ କୁମାର ମଲିକ):**

କୋରେଇ ବ୍ଲକ ମୂଳାପାଳସ୍ଥିତ ବାବା ଲିଙ୍ଗେଶ୍ୱର ଉନ୍ନୟନ କମିଟିର ପ୍ରତିଷ୍ଠାତା ସଦସ୍ୟ ତଥା ଅବସରପ୍ରାପ୍ତ ଶିକ୍ଷକ ବୈଷ୍ଣବ ଚରଣ ଧଳ (୯୨)ଙ୍କ ପରଲୋକ ହୋଇଯାଇଛି । ଏଥିପାଇଁ ଲିଙ୍ଗେଶ୍ୱର ଉନ୍ନୟନ କମିଟି ପକ୍ଷରୁ ଶୋକ ପ୍ରକାଶ ପାଇଛି । ଧଳଙ୍କ ସ୍ମୃତିରେ ଲିଙ୍ଗେଶ୍ୱର ଉନ୍ନୟନ କମିଟି ପକ୍ଷରୁ ଲିଙ୍ଗେଶ୍ୱର ମଣ୍ଡପରେ ଏକ ସ୍ମୃତିସଭାର ଆୟୋଜନ କରାଯାଇଥିଲା । ଧଳଙ୍କ ବିୟୋଗର କମିଟିର ଏକ ଅପୂରଣୀୟ କ୍ଷତି ହେଲା ବୋଲି ମତ ପ୍ରକାଶ ପାଇଥିଲା । କମିଟି ପକ୍ଷରୁ ଦାମୋଦର ଧଳ, ଶରତ ଚନ୍ଦ୍ର ଧଳ, ସଭାପତି ବିଷ୍ଣୁ ଚରଣ ଧଳ, ସମ୍ପାଦକ ଗୋଲକ ଚନ୍ଦ୍ର ମାଝୀ, ଉପସଭାପତି ବାସୁଦେବ ପରିଡ଼ା, ସହ ସମ୍ପାଦକ ରମେଶ ସାହୁ, କୋଷାଧ୍ୟକ୍ଷ ମଦନ ମୋହନ ମାଝୀ, ବୃନ୍ଦାବନ ସାହୁ, ପ୍ରମୋଦ ସାହୁ, ପ୍ରତାପ ଧଳ, ଦିଲୀପ ମାଝୀ, ଭଗବାନ ସାହୁ, ରାଜ କିଶୋର ମଲିକ ସମେତ ବହୁ ସଦସ୍ୟ ଯୋଗଦେଇ ଧଳଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ସ୍ମୃତିଚାରଣ କରିଥିଲେ ।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଅନିୟମିତତା, ତଦନ୍ତ ଜାରି

**ବରୀ,୧୬।୯(ମହେନ୍ଦ୍ର ସ୍ୱାଇଁ):**

ଯାଜପୁର ଜିଲା ବରୀ ବ୍ଲକ ୨୯ ପଞ୍ଚାୟତକୁ ନେଇ ଗଠିତ । ସେଥିମଧ୍ୟରୁ ଗମ୍ଭୁଁ ପଞ୍ଚାୟତରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍) କାର୍ଯ୍ୟରେ ବ୍ୟାପକ ଅନିୟମିତତା ହୋଇଥିବା ଜିଲାପାଳଙ୍କ ଜନ ଶୁଣାଣି ଶିବିରରେ ଅଭିଯୋଗ ହୋଇଥିଲା । ଏଥିସହିତ ବରୀ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ ନିକଟରେ ଏକାଧିକ ଥର ଲିଖିତ ଅଭିଯୋଗ ହୋଇଛି । ହେଲେ ଦାୟିତ୍ୱରେ ଥିବା ଅଧିକାରୀମାନେ ନିଜର ଦୋଷ ଲୁଚାଇବାକୁ ଉଦ୍ୟମ କରି ବିଫଳ ହୋଇଛନ୍ତି ।

ସୂଚନା ଅନୁଯାୟୀ, ଗମ୍ଭୁଁ ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ଗୋଗେଇ ନାଳ ସମେତ ମୋଟ ୨୨ଟି ପ୍ରକଳ୍ପ କାମ ହୋଇଛି । ହେଲେ ସବୁଠି ଅନିୟମିତତା ହୋଇଛି ବୋଲି ପ୍ରାକ୍ତନ ସରପଞ୍ଚ ସନ୍ତୋଷ ନାୟକ, ହେମନ୍ତ ନାୟକ, ସନ୍ନ୍ୟାସୀ ଜେନା, ଉଦୟନାଥ ଜେନା, ପୂର୍ବତନ ସମିତି ସଭ୍ୟ ପ୍ରଶାନ୍ତ ପରିଡ଼ା ପ୍ରମୁଖ ଅଭିଯୋଗ କରିବା ସହିତ ଏହାର ତଦନ୍ତ କରିବାକୁ ଲିଖିତ ଭାବେ ଦାବି କରିଥିଲେ । ଏହି ଅଭିଯୋଗକୁ ଭିତ୍ତି କରି ଗତ ୫।୯।୨୦୨୪ରେ ପାନୀୟ ଜଳ ଯୋଗାଣ ବିଭାଗ ନିର୍ବାହୀ ଯନ୍ତ୍ରୀ ରଶ୍ମିରଞ୍ଜନ ମାର୍ଥା,ବରିଷ୍ଠ ଅଧିକାରୀ ସୁନୀଲ କୁମାର ସିଂଙ୍କ ସମେତ ଅନ୍ୟ ଅଧିକାରୀମାନେ ଘଟଣାସ୍ଥଳ ପରିଦର୍ଶନ କରି ଫେରିଛନ୍ତି । ୨୨ ପ୍ରକଳ୍ପ ମଧ୍ୟରୁ ୧୬ଟି ପ୍ରକଳ୍ପର ନଥିପତ୍ର ତଦନ୍ତକାରୀ ଅଧିକାରୀମାନଙ୍କୁ ଦାୟିତ୍ୱରେ ଥିବା କର୍ମଚାରୀମାନେ ହସ୍ତାନ୍ତର କରିଛନ୍ତି । ଅନ୍ୟ ନଥିପତ୍ର ତାଙ୍କୁ ପ୍ରଦାନ କରିବେ ବୋଲି ଲିଖିତ ଭାବେ ଜଣାଇଛନ୍ତି । ଗତ ୧୪।୯।୨୦୨୪ରେ ପୁନଶ୍ଚ ତଦନ୍ତକାରୀ ଅଧିକାରୀମାନେ ଗମ୍ଭୁଁ ପଞ୍ଚାୟତକୁ ଆସି ଉପରୋକ୍ତ ସମସ୍ତ ପ୍ରକଳ୍ପ ବୁଲି ଦେଖିଥିଲେ । ଏହି କାର୍ଯ୍ୟରେ ସାମିଲ ହୋଇଥିବା ଶ୍ରମିକମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ପରଲୋକ ଘଟି ସାରିଛି । ଅନ୍ୟ କେତେଜଣ ଶ୍ରମିକ କାମ କରୁଥିବା ସୂଚନା ପାଇଛନ୍ତି । ଆଗାମୀ ଦିନରେ ଏହି ବ୍ଲକ୍‌ର ୯ ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ଠାରୁ ଆରମ୍ଭ କରି ବିଭିନ୍ନ ଉନ୍ନୟନ କାର୍ଯ୍ୟ ପାଇଁ ଆସିଥିବା ସରକାରୀ ଅର୍ଥର ଦୁରୁପଯୋଗ ହେବା ଘଟଣା ତଦନ୍ତ ପରିସରଭୁକ୍ତ ହେବ ବୋଲି ଜିଲା ପ୍ରଶାସନଠାରୁ ସୂଚନା ମିଳିଛି । ଏହାକୁ ନେଇ ଦୁର୍ନୀତିରେ ସମ୍ପୃକ୍ତ ଥିବା ସରପଞ୍ଚ,ପଞ୍ଚାୟତ ନିର୍ବାହୀ ଅଧିକାରୀ, ଜିଆର୍‌ଏସ୍ ଓ କନିଷ୍ଠ ଯନ୍ତ୍ରୀଙ୍କ ମଧ୍ୟରେ ଛନକା ପଶିଛି ।

# କେନାଲ ପୋତି ରାସ୍ତା ନିର୍ମାଣ, ଚିନ୍ତାରେ ଚାଷୀ

**ଜେନାପୁର,୧୬।୯ (ଅଶୋକ ଦାସ):**

ଯାଜପୁର ଜିଲା ଧର୍ମଶାଳା ବ୍ଲକ ଜେନାପୁର ମୌଜା ଚାଷ ଜମିକୁ ସଂଯୋଗ କରୁଥିବା କେନାଲକୁ ପୋତି ରାସ୍ତା ନିର୍ମାଣ ଚାଲିଛି । ଏହାକୁ ନେଇ ବିବାଦ ସୃଷ୍ଟି ହୋଇଛି । ସ୍ଥାନୀୟ ଚାଷୀମାନେ ଏହାକୁ ବିରୋଧ କରିଛନ୍ତି ।

ସୂଚନା ଅନୁଯାୟୀ, ବ୍ରିଟିଶ ଅମଳରୁ ଏହି କେନାଲ ନିର୍ମାଣ ହୋଇଥିଲା । ଏହି କେନାଲ ଦ୍ୱାରା ଜଳସେଚନ କରାଯାଇ ସେହି ଅଞ୍ଚଳର କୃଷି କ୍ଷେତ୍ର ଶସ୍ୟଶାମଳା ହେଉଥିଲା । କେନାଲ ପାଣିକୁ କୃଷିକ୍ଷେତ୍ରରେ ଅଧିକ ବିନିଯୋଗ କରିବା ପାଇଁ ପାଣି ପଏଣ୍ଟ ନିର୍ମାଣ କରାଯାଇଛି । କିନ୍ତୁ ଜାରକା ଜଳ ସେଚନ ବିଭାଜନ ଅଧୀନ ଜେନାପୁର ହାଇଲେଭଲ କେନାଲରୁ ୧୭ନଂ.ଠାରୁ ଚନିଆଦାଣ୍ଡି ପର୍ଯ୍ୟନ୍ତ ସଂଯୋଗ କରୁଥିବା କେନାଲ ପୋତି ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ



କେନାଲ ପୋତାଯାଇ ରାସ୍ତା ନିର୍ମାଣ କରାଯାଉଛି ।

ରାସ୍ତା ନିର୍ମାଣ ଆରମ୍ଭ ହୋଇଛି । ଏହି ରାସ୍ତା ଜାରକା ହାଇଲେଭଲ କେନାଲ ରୋଡ଼ଠାରୁ ଜେନାପୁର ରେଲୱେ ଷ୍ଟେଶନ ପଡିଛି । ଏହାକୁ ନେଇ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଏ ସଂକ୍ରାନ୍ତରେ ଖବର ପାଇ ଜଳସମ୍ପଦ ବିଭାଗ କନିଷ୍ଠ ଯନ୍ତ୍ରୀ ବିଭୁ ପ୍ରସାଦ ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ରାସ୍ତା ନିର୍ମାଣ କରୁଥିବା ଠିକାଦାର ଓ ଚାଷୀମାନଙ୍କ ସହ ଆଲୋଚନା କରିଛନ୍ତି । ଏହି ଜାଗା ମାପଚୁପ ହେବା ପରେ ରାସ୍ତା କାମ ଆରମ୍ଭ ହେବ । ସେ ପର୍ଯ୍ୟନ୍ତ କାମ ବନ୍ଦ ରଖିବାକୁ ଠିକାଦାରଙ୍କୁ କହିଥିଲେ । ଏ ସଂକ୍ରାନ୍ତରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ସଞ୍ଜୟ କୁମାର ଲେଙ୍କାଙ୍କୁ ପଚାରିବାରୁ ଜଳସମ୍ପଦ ବିଭାଗ ଅଧିକାରୀଙ୍କ ସହିତ କଥା ହୋଇ ଚାଷୀମାନେ କିପରି ସୂଚାରୁ ରୂପେ କେନାଲରୁ ପାଣି ପାଇ ପାରିବେ ସେ ସଂକ୍ରାନ୍ତରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି ।

### ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କ ପରଲୋକ

**ଯାଜପୁର ଟାଉନ,୧୬।୯ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି) :**

ଯାଜପୁର ପୌରାଞ୍ଚଳ ଅନ୍ତର୍ଗତ ଅମ୍ବିକା ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ମନୋରମା ଦାସଙ୍କ ତାଙ୍କ ଶୀତଳେଶ୍ୱର ବାସଭବନରେ ପରଲୋକ ହୋଇଯାଇଛି । ସେ ଦୀର୍ଘଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥଲେ । ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ୩ପୁଅ, ୩ ବୋହୂ ଓ ନାତି ନାତୁଣୀ ଉପସ୍ଥିତ ଥଲେ । ସେ ଜଣେ ପରୋପକାରୀ ମହିଳା ଥଲେ ।



ତାଙ୍କ ମୃତ୍ୟୁରେ ଅମ୍ବିକାଇ ଓ ଶୀତଳେଶ୍ୱର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ । ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ନିଆଯାଇ ବାରୁଣୀ ମହାଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥଲା ।

# କଲେଜ ଛାତ୍ର ହତ୍ୟା ଘଟଣାରେ ଏକାଧିକ ସମ୍ପୃକ୍ତ

### ଉପଯୁକ୍ତ ତଦନ୍ତ ଦାବି କଲା ନବ ଭାରତ ହିନ୍ଦୁ ସଙ୍ଗଠନ

**କାଏମା,୧୬।୯(ଶିବପ୍ରସାଦ ମହାନ୍ତି):**

ଧର୍ମଶାଳାରେ ଗତ ୫ ତାରିଖରେ ଘଟିଥିବା କଲେଜ ଛାତ୍ର ହତ୍ୟା ଘଟଣାର ଉପଯୁକ୍ତ ତଦନ୍ତ ଦାବି କରିଛି ନବଭାରତ ହିନ୍ଦୁ ସଙ୍ଗଠନ । ଏନେଇ ସଙ୍ଗଠନ ପକ୍ଷରୁ ସଦସ୍ୟମାନେ ଜାରକା ନିକଟସ୍ଥ ଶଙ୍ଖାରିଡ଼ିହଠାରେ ଏକତ୍ରିତ ହୋଇ ପ୍ରତିବାଦ କରିବା ସହିତ ଦୋଷୀଙ୍କୁ ଦଣ୍ଡବିଧାନ କରିବାକୁ ଦାବି କରିଛନ୍ତି ।

ସୂଚନାଯୋଗ୍ୟ, ଗତ ୩ ତାରିଖରେ ଅଭୟପୁର ଗ୍ରାମର ନରହରି ବେହେରାଙ୍କ ପୁଅ ରୁଦ୍ର ପ୍ରସାଦ ରାତିରେ ଘରୁ ଯାଇ ଆଉ ଫେରି ନ ଥିଲେ । ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ନ ପାଇବାରୁ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ତଦନ୍ତ ଆରମ୍ଭ କରିଥିଲା । ଶେଷରେ ରଥିଆ ନିକଟସ୍ଥ ଶଗଡିଆ ନାଳରେ ଏକ ମୃତଦେହ ଭାସୁଥିବା ପୋଲିସ ଖବର ପାଇଥିଲା । ନିଖୋଜ ଛାତ୍ରଙ୍କ ବାପା ସେଠାରେ




ପୋଲିସ ବିଟ୍ ହାଉସ୍ ସମ୍ମୁଖରେ ନବ ଭାରତ ହିନ୍ଦୁ ସଂଗଠନର କର୍ମକର୍ତ୍ତାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ । ତାଙ୍କ ପୁଅକୁ ହତ୍ୟା କରାଯାଇଥିବା ସେ ଅଭିଯୋଗ କରିଥିଲେ । ଏନେଇ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ କରିଥିଲା । ଏହି ଘଟଣାରେ ଯାଜପୁର ଏସ୍‌ପି ଭିନୀତ ଅଗ୍ରୱାଲ ଓ ଏସ୍‌ଡିପିଓ ଆସି ତଦନ୍ତ କରିଥିଲେ । ପ୍ରାଥମିକ ତଦନ୍ତରୁ ଏହା ପ୍ରେମଜନିତ ହତ୍ୟାକାଣ୍ଡ ବୋଲି ଜଣାପଡ଼ିଥିଲା । ଏହି ଘଟଣାରେ ପୋଲିସ ସେଠାରେ ରହିଥିବା ଏକ ସଂଖ୍ୟାଲଘୁ ସମ୍ପ୍ରଦାୟର ୪ ଜଣଙ୍କୁ ଥାନାକୁ ଆଣି ପଚାର ଉଚରା କରିଥିଲା । ପରେ ଯାଜପୁର ଏସ୍‌ପି ଭିନୀତ ଅଗ୍ରୱାଲ ଏକ ଖବରଦାତା ସମ୍ମିଳନୀରେ ଘଟଣାର ପର୍ଦ୍ଦାଫାସ କରିଥିଲେ । ପ୍ରେମ ବ୍ୟାପାରକୁ କେନ୍ଦ୍ରକରି ଏହି ହତ୍ୟାକାଣ୍ଡ ହୋଇଥିଲା ବୋଲି କହିଥିଲେ । ନିଖୋଜ ଛାତ୍ର ଜଣକ ରାତିରେ ନିଜ ପ୍ରେମିକା ସହିତ ଆପତ୍ତିଜନକ ଅବସ୍ଥାରେ ଥିଲେ । ପ୍ରେମିକାର ନାବାଳକ ସାନ ଭାଇ ଏହା ଦେଖି ରୁଦ୍ରଙ୍କୁ ଏକ ଧରୁଆ ଅସ୍ତ୍ରରେ ହାଣି ଦେଇଥିଲେ । ଏହି ଆକ୍ରମଣ ପରେ ରୁଦ୍ର ସେଠାରୁ ପଳାଉଥିବା ବେଳେ ନିକଟସ୍ଥ ନାଳରେ ପଡ଼ି ପ୍ରାଣ ହରାଇଥିଲେ ବୋଲି ଏସ୍‌ପି ସ୍ପଷ୍ଟ କରିଥିଲେ । ଏହି ଘଟଣାରେ ପ୍ରେମିକାର ନାବାଳକ ଭାଇ ସମେତ ତାଙ୍କ ମା'ଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା । ତେବେ ଏହି ଘଟଣାରେ ଏକାଧିକ ଲୋକଙ୍କ ସମ୍ପୃକ୍ତି ଥିବା ଦାବି କରି ସୋମବାର ନବଭାରତ ହିନ୍ଦୁ ସଙ୍ଗଠନ ପକ୍ଷରୁ ବହୁ ସଦସ୍ୟ ଆଜି ନିକଟସ୍ଥ ଶଙ୍ଖାରିହଠାରେ ଏକତ୍ରିତ ହୋଇ ଘଟଣାର ପ୍ରତିବାଦ କରିଥିଲେ । ପରେ ସେମାନେ ଏକ ଶୋଭାଯାତ୍ରାରେ ବିଭିନ୍ନ ସ୍ଲୋଗାନ ଦେଇ ଜାରକା ବିଟ୍ ହାଉସକୁ ଆସିଥିଲେ । ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ଏକ ଦାବିପତ୍ର ଏସ୍‌ଡିପିଓ ସଞ୍ଜୟ କୁମାର ପଟ୍ଟନାୟକଙ୍କୁ ପ୍ରଦାନ କରିଛନ୍ତି ।

# ସ୍ୱାସ୍ଥ୍ୟକେନ୍ଦ୍ର ସଫେଇ, ଚାରା ରୋପଣ କାର୍ଯ୍ୟକ୍ରମ




ଚାରାରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା କ୍ଲବର କର୍ମକର୍ତ୍ତା ।

**କାଏମା,୧୬।୯( ଶିବପ୍ରସାଦ ମହାନ୍ତି) :**

ଧର୍ମଶାଳା ବ୍ଲକ ଡିଫେନ୍ସ କ୍ଲବ ପକ୍ଷରୁ ସଫେଇ ଓ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସଭାପତି ଅବସରପ୍ରାପ୍ତ ସେନା ଅଧିକାରୀ ଅନିଲ କୁମାର ସାମଲଙ୍କ ନେତୃତ୍ୱରେ ସ୍ୱଚ୍ଛ ଭାରତ ଅଭିଯାନ ଅଧୀନରେ ସକାଳୁ ଧର୍ମଶାଳା ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା । ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଦୈନନ୍ଦିନ ଶତାଧିକ ରୋଗୀଙ୍କ ଭିଡ଼ ଜମୁଛି । ବର୍ଷା ଦିନ ହୋଇଥିବାରୁ ଅଳିଆ ଆବର୍ଜନାକୁ ସଫା କରିବାକୁ ଜନସାଧାରଣଙ୍କୁ ସଭାପତି ନିବେଦନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଧର୍ମଶାଳା ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସୁଧୀର କୁମାର ସାହୁ ସହଯୋଗ କରିଥିଲେ । ସେହିପରି ଶଙ୍ଖାରିଡିଅ ନିକଟ ଧର୍ମଶାଳା ପବ୍ଲିକ ସ୍କୁଲ ପରିସରରେ ଡିଫେନ୍ସ କ୍ଲବ ପକ୍ଷରୁ ଚାରା ରୋପଣ କାର୍ଯ୍ୟକ୍ରମ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସ୍କୁଲର ନିର୍ଦ୍ଦେଶକ ଭିକାରୀ ଚରଣ ସାମଲ, କ୍ୟାପଟେନ ପ୍ରଭାତ ରଞ୍ଜନ ଜେନା, ସେନା ଅଧିକାରୀ ପ୍ରତାପ ଚନ୍ଦ୍ର ପରିଡ଼ା , ଉପ ସଭାପତି ଶ୍ରୀନାଥ ଦାସ , ସମ୍ପାଦକ ଦିଲୀପ କୁମାର ପୃଷ୍ଟି, ଚନ୍ଦ୍ରମଣି ନାୟକ, ପବିତ୍ର କୁମାର ସାହୁ, ଅରବିନ୍ଦ ଜେନା, ନରେନ୍ଦ୍ର ସାହୁ, ଲକ୍ଷ୍ମୀଧର ସାହୁ, ପ୍ରମୋଦ କୁମାର ବେହେରା, ନକୁଳ କୁମାର ବେହେରା ପ୍ରମୁଖ ଅବସରପ୍ରାପ୍ତ ସେନା ଅଧିକାରୀ ସାମିଲ ହୋଇଥିଲେ ।

# ନିମ୍ନମାନର ରାସ୍ତା କାମକୁ ଗ୍ରାମବାସୀଙ୍କ ବିରୋଧ

**ବରୀ,୧୬।୯(ମହେନ୍ଦ୍ର ସ୍ୱାଇଁ)**

ସରକାରଙ୍କ ତରଫରୁ ଗମନାଗମନ ନିମନ୍ତେ ରାସ୍ତା ନିର୍ମାଣ ପାଇଁ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ଅନୁଦାନ ଆସୁଛି । ହେଲେ ତାହା ଠିକ ଭାବେ ବିନିଯୋଗ ହେଉ ନ ଥିବାର ଅଭିଯୋଗ ହୋଇଛି । ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ପରମାନନ୍ଦପୁରଠାରୁ ମେଣ୍ଡ କୁଶବଟ ରାସ୍ତାର ଉନ୍ନତିକରଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ଅର୍ଥ ମଞ୍ଜୁର ହୋଇଥିଲା । ଏହି ରାସ୍ତାର ଉନ୍ନତି କରଣ ନିମନ୍ତେ ତତ୍କାଳୀନ ବିଧାୟିକା ସୁନନ୍ଦା ଦାସ ୨୬।୨।୨୦୨୪ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ସରକାରୀ ନିୟମ ମୁତାବକ କାର୍ଯ୍ୟ ଆରମ୍ଭ ପୂର୍ବରୁ ଏକ ସୂଚନା ଫଳକ ଲଗାଯିବ କଥା । ସେଥିରେ କାମ ଆରମ୍ଭର ତାରିଖ, ବ୍ୟୟ ଅଟକଳ ଓ କାମ ଶେଷ ହେବାର ତାରିଖ ଉଲ୍ଲେଖ ଥିବ । କିନ୍ତୁ ଗ୍ରାମ୍ୟ ଉନ୍ନୟନ ତରଫରୁ କରାଯାଉଥିବା କାମ ଅତ୍ୟନ୍ତ ନିମ୍ନମାନର ହେବା ଏବଂ ସେହି କାମରେ ବ୍ୟୟ ଅଟକଳକୁ ଗୁରୁତ୍ୱ ଦିଆଯାଉ ନ ଥିବାରୁ ସ୍ଥାନୀୟ ଲୋକମାନେ ଏହାକୁ ବିରୋଧ କରି ବନ୍ଦ କରିଦେଇଛନ୍ତି । କାମ ହେଉଥିବା ସ୍ଥାନରେ ଯନ୍ତ୍ରୀମାନେ ରହୁ ନ ଥିବା ଯୋଗୁ ଦାୟିତ୍ୱରେ ଥିବା ଠିକାଦାର ନିମ୍ନମାନର ସାମଗ୍ରୀରେ କାମ କରୁଛନ୍ତି । ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱହୀନତା ଯୋଗୁ ବାରମ୍ବାର ଏଭଳି ଅଭିଯୋଗ ହୋଇ ଆସୁଛି । ନିମ୍ନମାନର କାର୍ଯ୍ୟ ହେବା, ବ୍ୟୟ ଅଟକଳ ମୁତାବକ ସୂଚନା ଫଳକ ନ ଲଗାଯିବ ବିଷୟରେ ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ ମାନସ ରଞ୍ଜନ ବେହେରାଙ୍କୁ ପଚାରିଲେ ସେ କୁହନ୍ତୁ ସ୍ଥାନୀୟ ଲୋକଙ୍କ ଅଭିଯୋଗ ପାଇ ଘଟଣା ସ୍ଥଳକୁ ଯାଇଥିଲି । ନିୟମ ମୁତାବକ ଯେଭଳି କାମ କରାଯିବ ସେ କ୍ଷେତ୍ରରେ ଦାୟିତ୍ୱରେ ଥିବା ଠିକାଦାରଙ୍କୁ ନିର୍ଦ୍ଦେଶ ଦେଉଛି । ଏଥିରେ କୌଣସି ବ୍ୟତିକ୍ରମ ହେବ ନାହିଁ ।



ପରମାନନ୍ଦପୁରଠାରୁ ମେଣ୍ଡ କୁଶବଟକୁ ଚାଲିଥିବା ରାସ୍ତା କାମ ।

# ଶ୍ରୀବନ୍ତ ସରକାରୀ ସ୍କୁଲରେ ସ୍ୱଚ୍ଛତା ପକ୍ଷ ପାଳିତ



ସ୍ୱଚ୍ଛତା ପକ୍ଷ ପାଳନରେ ସାମିଲ ହୋଇଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ ।

**ସିଂହପୁର,୧୬।୯ (ଅନଙ୍ଗ ଉଦୟ ବେଉରିଆ):**

ବିଂଝାରପୁର ବ୍ଲକ ଅନ୍ତର୍ଗତ କଲ୍ୟାଣପୁର ଶ୍ରୀବନ୍ତ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ନଳିନୀ ପ୍ରଭା ଦାସଙ୍କ ତତ୍ତ୍ୱାବଧାନରେ ସେପ୍ଟେମ୍ବର ପହିଲାରୁ ୧୫ ତାରିଖ ପର୍ଯ୍ୟନ୍ତ ବିଦ୍ୟାଳୟରେ ସ୍ୱଚ୍ଛତା ପକ୍ଷ ପାଳିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ପକ୍ଷରୁ ସ୍ୱଚ୍ଛତା ଶପଥ ଦିବସ ପାଳନ ସହିତ ପ୍ଲାଷ୍ଟିକ ମୁକ୍ତ ପରିବେଶ, ଜଳ ସଂରକ୍ଷଣ ଓ ପାନୀୟ ଜଳର ସଦୁପଯୋଗ, ଚାରା ରୋପଣ, ହାତଧୁଆ, ଜଳବାହିତ ରୋଗରୁ ସୁରକ୍ଷା, ପରିବେଶ ଓ ଶୌଚାଳୟର ପରିଚ୍ଛନ୍ନତା, ପ୍ରାକୃତିକ ସମ୍ବଳର ସୁରକ୍ଷା, ଦୈନନ୍ଦିନ ଜୀବନର ସ୍ୱାସ୍ଥ୍ୟ ଓ ସୁସ୍ଥତା ଆଦି ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କଦ୍ୱାରା ପ୍ରସ୍ତୁତ ସ୍ୱଚ୍ଛତା ସମ୍ପର୍କିତ ପେଣ୍ଟିଂ, ସ୍ଲୋଗାନ, ପୋଷ୍ଟର, ଡଷ୍ଟବିନ, କବିତା ଆଦି ପ୍ରଦର୍ଶିତ ହୋଇଥିଲା । ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ପ୍ରବନ୍ଧ, କୁଇଜ୍ ଆଦି ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ,ଶିକ୍ଷକ ଖଗେଶ୍ୱର ଜେନା, ସିପନ କୁମାର ବେହେରା, ପ୍ରିୟ ରଞ୍ଜନ ବେହେରା, ମୁମସାଦ ଖାନ, ନିତୁ କମଲ, ଶୁଭଶ୍ରୀ ବିଶ୍ୱାଳ, ଗାୟତ୍ରୀ ସାହୁ, ସୁଶ୍ରୀ ସଙ୍ଗୀତା ସିଅଲ, ପାର୍ବତୀ ବେହେରା, କୁମୁଦିନୀ ସାହୁ ପ୍ରମୁଖ ପରିଚାଳନା କରିଥିଲେ । ସହ ଶିକ୍ଷାକର୍ମୀ ରଞ୍ଜିତା ରାଉତ, ବିଶ୍ୱନାଥ ପଣ୍ଡା, ନବ କିଶୋର ସାହୁ ପ୍ରମୁଖ ସହଯୋଗ କରିଥିଲେ ।

### ମହମ୍ମଦ ଜୟନ୍ତୀରେ ରକ୍ତଦାନ ଶିବିର

**ଯାଜପୁରସଦର,୧୬।୯(ସମର ବିଜୟ ଶରଣ)**

ଯାଜପୁର ସହର ମେଡିକାଲ ଛକସ୍ଥିତ ଆଜାଦ ମଣ୍ଡପରେ ମହମ୍ମଦ ଜୟନ୍ତୀ ଅବସରରେ ଅଶୋକ ଦାସ ଫାଉଣ୍ଡେଶନ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରକୁ ଯାଜପୁର ବିଧାୟିକା ସୁଜାତା ସାହୁ ଉଦଘାଟନ କରିଥିବା ବେଳେ ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ ଉପସ୍ଥିତ ରହି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଶିବିରରେ ନହରାପୁର,ସାନବଜାର,ବାଣପୁର,କଲ୍ୟାଣପୁର,ବିନ୍ଧାଣ,ତାରାମଦନ,ଆଙ୍ଗୁଲା,ଗାନ୍ଧି ଛକ ,ରେଡକ୍ରସ,ଅଡଙ୍ଗ,ବାସୁଦେବପୁର ,ମଲ୍ଲିକାପୁର,ଅବଦଲପୁର,କୋରେଇ ,ସିନ୍ଦୁରିମୁହଁ,ବିନ୍ଧାଣ ଏବଂ ଦେବୀଦ୍ୱାର ଅଞ୍ଚଳର ୫୧ ଜଣ ସ୍ୱେଚ୍ଛାସେବୀ ରକ୍ତଦାନ କରିଥିଲେ । ଅନ୍ୟତମ ଅତିଥି ଭାବେ ଯାଜପୁର ପୌରାଧକ୍ଷା ରଞ୍ଜୁଲତା ହୋତା, ଉପାଧକ୍ଷ ସନ୍ତୋଷ କୁମାର ମଲିକ, ଅଶୋକ ଦାସ ଫାଉଣ୍ଡେଶନର ସଚିବ ଭବ ପ୍ରସାଦ ଦାସ ପ୍ରମୁଖ ଯୋଗ ଦେଇ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ ।

# ସୁଭଦ୍ରା ସହାୟତା ଲୋକାର୍ପଣ ସମାବେଶ

**ରସୁଲପୁର,୧୬।୯(ରଞ୍ଜିତ ରାଉତ):**

### ରସୁଲପୁର ବ୍ଲକ ସମାବେଶରେ ସାମିଲ ହେବେ ୧୫ଶହ ମହିଳା

ମଙ୍ଗଳବାର ରସୁଲପୁର ବ୍ଲକରେ ସୁଭଦ୍ରା ସହାୟତା ଲୋକାର୍ପଣ ସମାବେଶ ଅନୁଷ୍ଠିତ ହେବ । ଏଥିପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଛି । ଏଥିରେ ୧୫ଶହ ମହିଳା ସାମିଲ ହେବେ ବୋଲି ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି ।

ସୁଭଦ୍ରା ଯୋଜନାକୁ ନେଇ ରାଜ୍ୟ ସରକାର ଗାଁରୁ ସହର ପର୍ଯ୍ୟନ୍ତ ବ୍ୟାପକ ପ୍ରଚାର କରୁଛନ୍ତି । ସୁଭଦ୍ରା ରଥ ଗଡିବାଠାରୁ ଆରମ୍ଭ କରି ଗାଁ ଗଣ୍ଡାରେ ମହିଳାମାନଙ୍କ ଦ୍ୱାରା ଶୋଭାଯାତ୍ରା, ଆଲୋଚନା ସଭା ଆୟୋଜନ କରାଯାଇ ଆବେଦନକାରୀମାନଙ୍କୁ ସଚେତନ କରାଯାଉଛି । ଏଥିସକାଶେ ରାଜସ୍ୱ ଗାଁସ୍ତରରେ ଆୟୋଜନ ହେଉଥିବା କାର୍ଯ୍ୟକ୍ରମ ପାଇଁ ୧୦୦୦ଟଙ୍କା, ପଞ୍ଚାୟତସ୍ତରୀୟ କାର୍ଯ୍ୟକ୍ରମ ପାଇଁ ୫୦୦୦ଟଙ୍କା, ବ୍ଲକସ୍ତରୀୟ ପାଇଁ ୧୦ହଜାର ଓ ଜିଲାସ୍ତରୀୟ କାର୍ଯ୍ୟକ୍ରମ ପାଇଁ ୧୨ହଜାର ଟଙ୍କା ଅନୁଦାନ ମଞ୍ଜୁର ହୋଇଛି । ମଙ୍ଗଳବାର ଭୁବନେଶ୍ୱର ଜନତା ମଇଦାନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୁଭଦ୍ରା ଯୋଜନାର ହିତାଧିକାରୀମାନଙ୍କୁ ପ୍ରଥମ କିସ୍ତି ବାବଦକୁ ୫ହଜାର ଟଙ୍କା ପ୍ରଦାନ କରିବେ । ଏହି ଉତ୍ସବରେ ୧ଲକ୍ଷ ମହିଳା ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ବେଳେ ପ୍ରତି ବ୍ଲକରେ ମହିଳା ସମାବେଶ ପାଳନ କରାଯିବାକୁ ନିର୍ଦ୍ଦେଶ ରହିଛି । ବ୍ଲକ ଅଞ୍ଚଳର ସମାବେଶରେ ୫ହଜାର ମହିଳା ଯୋଗଦେବାର ବ୍ୟବସ୍ଥା କରିବା ଲାଗି କୁହାଯାଇଛି । ଏହି ସମାବେଶ ପାଇଁ ୫ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି ବୋଲି ଆଭାସି ବୈଠକ ଜରିଆରେ ସୂଚନା ଦିଆଯାଇଛି । ଏଥିପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି । ବ୍ଲକ ମେଳଣ ପଡ଼ିଆରେ ସମାବେଶ ଆୟୋଜନ ହେବାପାଇଁ ବ୍ୟବସ୍ଥା ହୋଇଛି । । ଏହି ସମାବେଶରେ ୧୫୦୦ ମହିଳା ଯୋଗଦେବେ ବୋଲି ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ମିଳିଛି । ସମାବେଶ ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହୋଇ ଅପରାହ୍ନ ୧ଟାରେ ଶେଷ ହେବ । ଏହି ସମାବେଶରେ ଯୋଗଦେବାକୁ ଆସୁଥିବା ମହିଳାମାନଙ୍କ ପାଇଁ ପାନୀୟ ଜଳ , ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା କରାଯାଉଛି ।

ଏ ସଂକ୍ରାନ୍ତରେ ରସୁଲପୁର ବିଡିଓ ଅବନୀକାନ୍ତ ସାହୁଙ୍କୁ ପଚାରିବାରୁ ସମାବେଶରେ ପ୍ରତି ପଞ୍ଚାୟତରୁ ୫୫ଜଣ ମହିଳା ହିସାବରେ ୨୮ପଞ୍ଚାୟତରୁ ୧୫୦୦ ମହିଳାଙ୍କୁ ଯୋଗଦେବାକୁ କୁହାଯାଇଛି । ସମାବେଶ ସ୍ଥଳରେ ଖାଦ୍ୟ ପାନୀୟର ବ୍ୟବସ୍ଥା କରାଯିବ । ମଞ୍ଚର ବିଭିନ୍ନ ସ୍ଥାନରେ ଏଲଇଡି ଲାଗିବ । ମହିଳାମାନେ ପ୍ରଧାନମନ୍ତ୍ରୀଙ୍କ ଭାଷଣ ଶୁଣିବା ସହ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତି ଲୋକାର୍ପଣ କାର୍ଯ୍ୟକ୍ରମର ସିଧା ପ୍ରସାରଣକୁ ଦେଖିବାର ସୁଯୋଗ ପାଇବେ । ମହିଳାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଛି ବୋଲି ସେ କହିଛନ୍ତି ।

# ସଙ୍କଟରେ ଶ୍ରୀବଳଦେବଜୀଉ ଗୋରକ୍ଷଣ ସମିତି

ଡେରାବିଶ,୧୬।୯(ବେବର୍ତ୍ତା ଅଜୟ ଦାସ)

ବୟସ୍କ ଗୋରୁଙ୍କ ରକ୍ଷଣାବେକ୍ଷଣ ପାଇଁ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ଗୋ-ମଙ୍ଗଳ ସମିତିର ପୁନରୁଦ୍ଧାର ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଇଛନ୍ତି। ମାତ୍ର କେନ୍ଦ୍ରାପଡ଼ା ଜିଲା ଅନ୍ତର୍ଗତ ଡେରାବିଶ ବ୍ଲକ୍ କାଉପଡ଼ା ପଞ୍ଚାୟତ ନିଳିକଣାଠାରେ ଥିବା ଶ୍ରୀବଳଦେବଜୀଉ ଗୋରକ୍ଷଣୀ ସମିତି ସଙ୍କଟରେ ଗତି କରୁଛି। ୧୯୯୮ରେ ନିଳିକଣାଠାରେ ସ୍ଥାପିତ ହୋଇଥିବା ଏହି ଗୋ-ମଙ୍ଗଳ ସମିତିକୁ ପୂର୍ବତନ ମନ୍ତ୍ରୀ ଭାଗବତ ପ୍ରସାଦ ମହାନ୍ତି ଓ ଡେରାବିଶ ବ୍ଲକ୍ ପୂର୍ବତନ ଅଧ୍ୟକ୍ଷ ବଟକୃଷ୍ଣ ପ୍ରଧାନଙ୍କ ଉଦ୍ୟମକ୍ରମେ ସ୍ଥାପିତ ହୋଇଥିଲା। ୨୦୦୫ରେ ଏହି ସମିତି ପଞ୍ଜୀକୃତ ହେବା ସହ ୨୦ଟି ଗାଈଙ୍କୁ ଏଠାରେ ରଖିବା ପାଇଁ ବ୍ୟବସ୍ଥା କରାଯାଇଥିଲା। ବଦାନ୍ୟ ବ୍ୟକ୍ତିଙ୍କ ସହାୟତାରେ ଏହି ଗୋରୁଙ୍କ ସେବା, ଯତ୍ନ ନିଆଯିବା ପାଇଁ ପରିଚାଳନା କମିଟି ପକ୍ଷରୁ ସବୁ ପ୍ରକାର ଉଦ୍ୟମ କରାଯାଇଥିଲା। ତେବେ ବାହାରେ ବୁଲୁଥିବା ଓ ଚୋରା ଚାଲାଣ ହେଉଥିବା ଗୋରୁଙ୍କୁ ପୋଲିସ ଜବତକରି ଏହି ଗୋ-ମଙ୍ଗଳ ସମିତିରେ ଆଶ୍ରୟ ପାଇଁ ଛାଡ଼ି ଦିଆଯାଇଛି। ବଦାନ୍ୟ ବ୍ୟକ୍ତିଙ୍କ ଅନୁଦାନରେ ଚାଲୁଥିବା ଏହି ଗୋ-ମଙ୍ଗଳ ସମିତିରେ ୨୦ଟି ଗାଈ ପାଇଁ ଘର ଥିବାବେଳେ ବର୍ତ୍ତମାନ ଗୋରୁଙ୍କ ସଂଖ୍ୟା ୪୦ରୁ ଊର୍ଦ୍ଧ୍ୱରେ ପହଞ୍ଚିଛି।

ପରିଚାଳନା କମିଟି ସଦସ୍ୟ ତରୁଣ ରଞ୍ଜନ ପ୍ରଧାନ କହିଛନ୍ତି, ଦୈନିକ ଗୋରୁଙ୍କ ପାଇଁ ଆବଶ୍ୟକ ଥିବା ଗୋଖାଦ୍ୟ ଓ ଦାନା ଦେବା ପାଇଁ ବହୁ କଷ୍ଟକର ହୋଇପଡୁଛି। ଏପରିକି ରୋଗଗ୍ରସ୍ତ ଗୋରୁଙ୍କ ଚିକିତ୍ସା ସେବା ଯୋଗାଇଦେବା ପାଇଁ ପ୍ରାଣୀ ସମ୍ପଦ ବିଭାଗର ଅସହଯୋଗ ପାଇଁ ମୂଲ୍ୟବାନ୍ ଔଷଧ କିଣିବା କଷ୍ଟସାଧ୍ୟ ହୋଇପଡ଼ିଛି। ସେହିପରି ପରିଚାଳନା କମିଟିର ସଭାପତି ଫକୀର ଚରଣ ଖଟୁଆ କହିଛନ୍ତି, ଗୋ ମଙ୍ଗଳ ସମିତି ପାଇଁ ସରକାରଙ୍କ ପକ୍ଷରୁ ଗତ ବର୍ଷକ ପୂର୍ବେ ଆର୍ଥିକ ଅନୁଦାନ ଯୋଗାଇ ଦିଆଯାଇଥିଲା। ମାତ୍ର ତାହା ସମୁଦ୍ରକୁ ଶଙ୍ଖେ ହୋଇପଡ଼ିଛି। ଗୋମଙ୍ଗଳ ସମିତିର ପୁନରୁଦ୍ଧାର ପାଇଁ ସରକାରଙ୍କ ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ତେବେ ଏହି ଗୋରକ୍ଷଣୀ ସମିତି ପାଇଁ ଆବଶ୍ୟକ ଗୃହ ଯୋଗାଇ ଦିଆଗଲେ ବ୍ଲକ୍ ଅଞ୍ଚଳରେ ଥିବା ଏକମାତ୍ର ଏହି ସମିତି ସମୃଦ୍ଧ ହୋଇପାରନ୍ତା। ବରିଷ୍ଠ ଆଇନଜୀବୀ ତଥା ପରିଚାଳନା କମିଟି ସଦସ୍ୟ ବିଧୁଭୂଷଣ ମହାପାତ୍ର କହିଛନ୍ତି, ଗୋରୁଙ୍କ ରକ୍ଷଣାବେକ୍ଷଣ ପାଇଁ କେୟାର୍‌ଟେକର ବାବଦରେ ମାସିକ ୩୦ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେଉଛି। ଆବଶ୍ୟକ ଅର୍ଥାଭାବରୁ ଗୋ ରକ୍ଷଣୀ ସମିତି ଥିବା ଗୋରୁ ସଙ୍କଟ ଦେଇ ଗତି କରୁଛନ୍ତି। ଆବଶ୍ୟକ ଗୃହ ନିର୍ମାଣ ସହ ଗୋମଙ୍ଗଳ ସମିତିକୁ ଏକ ସ୍ଥାୟୀ ରାସ୍ତା ସହ ଗୋଖାଦ୍ୟ ଯୋଗାଇଦେବାକୁ ପ୍ରଶାସନ ନିକଟରେ ସେ ଦାବି କରିଛନ୍ତି।



ନିଳିକଣାଠାରେ ଥିବା ଶ୍ରୀବଳଦେବଜୀଉ ଗୋରକ୍ଷଣୀ ସମିତି ଗୋରୁଙ୍କ ଜରାଜୀର୍ଣ୍ଣ ଅବସ୍ଥା।

# ମାର୍ଶାଘାଇରେ ଦେବଶିଳ୍ପୀଙ୍କ ପୂଜାର୍ଚ୍ଚନା

ମାର୍ଶାଘାଇ,୧୬।୯ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ବ୍ଲକ୍‌ର ବିଭିନ୍ନ ସ୍ଥାନରେ ଦେବଶିଳ୍ପୀ ପ୍ରଭୁ ବିଶ୍ୱକର୍ମାଙ୍କ ପୂଜାର୍ଚ୍ଚନା ପାଳିତ ହୋଇଯାଇଛି। ବିଶେଷକରି ବିଭିନ୍ନ କ୍ଷୁଦ୍ରଶିଳ୍ପ, ଗ୍ୟାରେଜ, ଗାଡ଼ି ଶୋ' ରୁମ୍, ଶିଳ୍ପ ତାଲିମ କେନ୍ଦ୍ର, ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ, ରାଜମିସ୍ତ୍ରି ସଂଘ କାର୍ଯ୍ୟାଳୟ, ଶ୍ରମିକ ସଂଘ କାର୍ଯ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଲୁଣା ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟରେ କନିଷ୍ଠ ଯନ୍ତ୍ରୀ ପ୍ରମୋଦ କୁମାର ବଳ, ନୂଆପଡ଼ା ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟରେ କନିଷ୍ଠ ଯନ୍ତ୍ରୀ ପ୍ରଶାନ୍ତ ବେହେରା ପୂଜାରେ ଉପସ୍ଥିତ ଥିଲେ। ବାଲିସୁଆଁ ଗଡ଼ାଠାରେ ମା' ରାମଚଣ୍ଡୀ ଉପକୂଳ ବିକାଶ ପରିଷଦ ପକ୍ଷରୁ ସଭାପତି ଫକୀର ବେହେରାଙ୍କ ତତ୍ତ୍ୱାବଧାନରେ ବିଶ୍ୱକର୍ମା ପୂଜା ପାଳିତ ହୋଇଯାଇଛି।

# ପଟ୍ଟାମୁଣ୍ଡାଇରେ ଇଦ୍ ମିଲାଦୁନ ନବୀ ପାଳିତ



ପଟ୍ଟାମୁଣ୍ଡାଇ,୧୬।୯ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଇସ୍‌ଲାମ୍ ଧର୍ମର ମହାନ୍ ପ୍ରବର୍ତ୍ତକ ହଜରତ ମହମ୍ମଦଙ୍କ ଜୟନ୍ତୀ ଇଦ୍ ମିଲାଦୁନ ନବୀ ପାଳିତ ହୋଇଯାଇଛି। ପୌରାଞ୍ଚଳର ୧୧ନଂ. ୱାର୍ଡସଂଖ୍ୟାଲଘୁ ବସ୍ତିର ମଦ୍ରାସା ନିକଟରୁ ସୋମବାର ଶୋଭାଯାତ୍ରା ବାହାରି ପଟ୍ଟାମୁଣ୍ଡାଇ ସହର ପରିକ୍ରମା କରିଥିଲା। ମୁସଲମାନ ବସ୍ତିର ମାନ୍ୟଗଣ୍ୟ ବ୍ୟକ୍ତି ଓ ମୁରବିମାନେ ଶୋଭାଯାତ୍ରାରେ ସାମିଲ ହୋଇ ଉତ୍ସବ ମନାଇଥିଲେ। ଏହି ଅବସରରେ ମଦ୍ରାସାଠାରେ ଏକ ଧର୍ମସଭା କରାଯାଇଥିଲା। ଏଥିରେ ଇମାମ ସାହେବ ଇସ୍ରାଇଲ, ମୌଲାନା ୱାସିମ କାଦରୀ, ହାଫିଜ ସଲ୍ଲାଉଦ୍ଦିନ ପ୍ରମୁଖ ମହାପୁରୁଷ ମହମ୍ମଦଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ଏଥିସହ ଇସଲାମ୍ ଧର୍ମ ଶାନ୍ତି, ପ୍ରୀତି ଓ ସଦ୍ଭାବନା ପାଇଁ ଉଦ୍ଦିଷ୍ଟ ବୋଲି ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜନଗର ବିଧାୟକ ଧ୍ରୁବ ସାହୁ, ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ରାଜ୍ୟ ମହିଳା ବିଜେଡି ସମ୍ପାଦିକା କାଉନସିଲର ସାନିଆ ପରମିନ ସାହେବା, ବ୍ଲକ ବିଜେଡି ସଭାପତି କିଶୋର ସାହୁ, ନଗର ବିଜେଡି ସଭାପତି ବୁଢ଼ା ଲେଙ୍କା, ବରିଷ୍ଠ ବିଜେଡି ନେତା ଅମୂଲ୍ୟ ପ୍ରଧାନ ପ୍ରମୁଖ ଯୋଗଦେଇ ମୁସଲମାନ ଭଉଣୀ ଭାଇମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରିଥିଲେ।

# ଡେରାବିଶର ବିଭିନ୍ନ ସ୍ଥାନରେ ଇଦ୍-ମିଲାଦୁନ୍-ନବୀ ଉତ୍ସବ



ଡେରାବିଶ, ୧୬।୯ (ବେବର୍ତ୍ତା ଅଜୟ ଦାସ)

ଇସ୍‌ଲାମ ଧର୍ମ ସର୍ବଶେଷ ଓ ସର୍ବଶ୍ରେଷ୍ଠ (ପୈଗମ୍ବର) ପଥ ପ୍ରଦର୍ଶକ ବା ସନ୍ଦେଶ ବାହକ ମହାପୁରୁଷ ହଜରତ ମହମ୍ମଦ(ସ)ଙ୍କ ପବିତ୍ର ଜୟନ୍ତୀ ଇଦ୍-ମିଲାଦୁନ୍-ନବୀ ସୋମବାର ଡେରାବିଶ ବ୍ଲକ ଅଧୀନ ବିଭିନ୍ନ ମୁସଲମାନ ସାହିରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତର ଛଂରିଣା, ଗୋଲରାହାଟ ପଞ୍ଚାୟତ ଅଧୀନ ଗୋଲରାହାଟ ଓ ଚଷାଖଣ୍ଡ, କୁରୁଜଙ୍ଗା ପଞ୍ଚାୟତର ମନ୍ତ୍ରୀପଡ଼ା, କୁଶିଆପାଳ ପଞ୍ଚାୟତର ହଳଦିଆ, ଚାଟରାଚକଡ଼ା ପଞ୍ଚାୟତର ଓଲଡ଼ି ଓ ବେଣିପୁର ପଞ୍ଚାୟତର ସଦାନନ୍ଦପୁର ଗ୍ରାମ ଉତ୍ସବମୁଖର ହୋଇ ଉଠିଛି। ମସ୍‌ଜିଦରେ ପ୍ରାତଃ ନମାଜ ପାଠ ପରେ କୋରାନ ପାଠ କରାଯାଇ ବିଶ୍ୱ ଶାନ୍ତି ଓ କଲ୍ୟାଣ ପାଇଁ ସମୂହ ପ୍ରାର୍ଥନା କରାଯାଇଥିଲା। ପୂର୍ବାହ୍ନରେ ବିଭିନ୍ନ ଗ୍ରାମରେ ମୁସଲମାନ ଭାଇମାନେ ଏକତ୍ରିତ ହୋଇ ଜୁଲୁସ(ଶୋଭାଯାତ୍ରା)ରେ ଗ୍ରାମ ପରିକ୍ରମା କରି ଇସ୍‌ମାଲ ଧର୍ମର ପବିତ୍ରବାଣୀର ସ୍ଲୋଗାନ ଓ ନାତପାକ (ପବିତ୍ର ବାଣୀକୁ ଗୀତ ଆକାରରେ ପଢ଼ିବା) ପଢ଼ି ନିକଟସ୍ଥ ଗ୍ରାମ ପରିକ୍ରମା କରିଥିଲେ। ଇଦ୍-ମିଲାଦୁନ୍-ନବୀ ପାଇଁ ବିଭିନ୍ନ ଗ୍ରାମରେ ବାହାରିଥିବା ଶୋଭାଯାତ୍ରା ଅବସରରେ ବହୁ ସଂଖ୍ୟାରେ ହିନ୍ଦୁ ଧର୍ମାବଲମ୍ବୀ ଭାଇମାନେ ସାମିଲ ହୋଇ ମୁସଲମାନ ଭାଇମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏଥିସହିତ ଶୋଭାଯାତ୍ରାକାରୀଙ୍କୁ ହିନ୍ଦୁ ଭାଇମାନେ ଥଣ୍ଡା ପାନୀୟ ବଣ୍ଟନ କରି ଡେରାବିଶରେ ବହୁ ପ୍ରାଚୀନ କାଳରୁ ଉଭୟ ଧର୍ମ ମଧ୍ୟରେ ରହି ଆସିଥିବା ବନ୍ଧୁତ୍ୱ ଓ ଭାଇଚାରାର ନିଦର୍ଶନକୁ ଆହୁରି ସୁଦୃଢ଼ କରିଥିଲେ।

# ଇସଲାମ୍ ଧର୍ମରେ ସତ୍ୟ, ପ୍ରେମର ଗୁରୁତ୍ୱ ଅଧିକ

ମହମ୍ମଦ ଜୟନ୍ତୀ ଉତ୍ସବ

କେନ୍ଦ୍ରାପଡ଼ା, ୧୬।୯ (ଜଗନ୍ନାଥ ଧଳ)

ଇସଲାମ୍ ଧର୍ମର ମହାପୁରୁଷଙ୍କ ବାଣୀ ଅନୁଯାୟୀ ସତ୍ୟ, ପ୍ରେମ ଓ ସମାନତାର ଗୁରୁତ୍ୱ ଅଧିକ। କେନ୍ଦ୍ରାପଡ଼ା ସହରରେ ମହମ୍ମଦଙ୍କ ଜୟନ୍ତୀ ଉତ୍ସବରେ ଧର୍ମଗୁରୁମାନେ ସୋମବାର ଏହି ମତ ପ୍ରଦାନ କରିଛନ୍ତି। ସହରର ଜସନ ଏ ଇଦ ମିଲାଦ ଉନ୍ ନବୀ କମିଟି ସଂଯୋଜନାରେ ଆୟୋଜିତ ଉତ୍ସବରେ ୨୫ କମିଟିର ୧୦ ହଜାରରୁ ଊର୍ଦ୍ଧ୍ୱ ମୁସଲମାନ ସମ୍ପ୍ରଦାୟର ବ୍ୟକ୍ତି ଯୋଗ ଦେଇଥିଲେ। ନୂଆ ଇଦ୍‌ଗାହ ପଡ଼ିଆରେ କମିଟି ସଭାପତି ସେକ୍ ତଜମୁଲ ହୋସେନଙ୍କ ଅଧ୍ୟକ୍ଷତାରେ ଏହି ଧର୍ମସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଧର୍ମଗୁରୁ ଓ ସାୟରମାନେ ଯୋଗଦେଇ ଇସ୍‌ଲାମ ଧର୍ମ ଓ ମାନବ ଜାତିର କଲ୍ୟାଣ ସମ୍ପର୍କରେ ନିଜର ମତ ଉପସ୍ଥାପନ କରିଥିଲେ। ପୂର୍ବାହ୍ନରେ ସହରର ଜଇପୁରା, ଦିଲାରପୁର, ଇମାମପଡ଼ା, ଇଦ୍‌ଗାହ ମହଲା, ରଣପଡ଼ା, ଗରାପୁର, ଦାଉତପୁର, ମନକରପୁର, ଖଡ଼ିଅଙ୍ଗ, କନ୍ୟାଜୋର ଆଦି ସ୍ଥାନ ସହ କଜଳା, ମନ୍ତ୍ରୀପଡ଼ା ଆଦି ସହରର ଆଖପାଖ ବସ୍ତିରୁ ଶୋଭାଯାତ୍ରା ପାଇଁ ଟାଉନ ହାଇସ୍କୁଲ ପଡ଼ିଆ ନିକଟରେ ଏକତ୍ରିତ ହୋଇଥିଲେ। ପରେ ଶୋଭାଯାତ୍ରା ବାହାରିଥିଲା। ସହରର ବିଭିନ୍ନ ସ୍ଥାନରେ ରାଜନେତାମାନେ ଶୋଭାଯାତ୍ରାକାରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହିଉତ୍ସବକୁ ସୟଦ ନୁରଉଦ୍ଦିନ, ହାଜି ସୟଦ ଅହେସାନ ଅଲ୍ଲୀ, ସେକ ଗୋଫ୍ରାନ, ଗୟାସୁଦ୍ଦିନ ଖାଁ, ହାଜି ଫାରୁକ, ସେକ୍ ଚନ୍ଦନ ପ୍ରମୁଖ ପରିଚାଳନା କରିଥିଲେ। ସେହିପରି କେନ୍ଦ୍ରାପଡ଼ା ବ୍ଲକ ଗାଙ୍ଗପଡ଼ା ପଞ୍ଚାୟତର ଭରସିଂସ୍ଥିତ ଇଦ୍‌ଗାହ ମହଲାରେ ମହମ୍ମଦଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଜସନ ଏ ଇଦ ମିଲାଦ ଉନ୍ ନବୀ କମିଟି ପକ୍ଷରୁ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଏହି ଉପଲକ୍ଷେ ସ୍ଥାନୀୟ ଇଦ୍‌ଗାହଠାରେ ଧାର୍ମିକ ସଭା ଅନୁଷ୍ଠିତ ହୋଇଥିଲା। ଭରସିଂ ମସ୍‌ଜିଦର ମୌଲାନା ଉମତ ନବୀ ଇସଲାମ ଓ ମହମ୍ମଦଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। କମିଟି ସଦସ୍ୟ ଫିରୋଜ ଖାଁ, ବାବୁଲା ଖାଁ, ରିଜୁଆନ ଖାଁ, ଅବଦୁଲ୍ଲା ଖାଁ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।



କେନ୍ଦ୍ରାପଡ଼ା ସହରର ସ୍କୁଲ ଛକରେ ଯାଉଥିବା ଶୋଭାଯାତ୍ରା।

# ଶାନ୍ତି ମୈତ୍ରୀ ସଂହତି ପାଇଁ ଦୁଆ ମାଗିଲେ ମୁସଲିମ ଶ୍ରଦ୍ଧାଳୁ

ପାରାଦୀପ, ୧୬।୯(ଶରତ ରାଉତ)

ପାରାଦୀପ ବଡ଼ପଡିଆ ଠାରେ ଥିବା ପୋର୍ଟ ଇସ୍‌ଲାମିକ ଆସୋସିଏଶନ ପକ୍ଷରୁ ମଙ୍ଗଳବାର ମହାପୁରୁଷ ମହମ୍ମଦଙ୍କ ଜନ୍ମ ଜୟନ୍ତୀ ପାଳନ କରାଯାଇଛି। ଏହି ଅବସରରେ ମୁସଲ୍‌ମାନ ଶ୍ରଦ୍ଧାଳୁମାନେ ସକାଳ ୮ଟାରେ ମସ୍‌ଜିଦ ପରିସରରେ ସମୂହ ଦୁଆ (ପ୍ରାର୍ଥନା)କରିଥିଲେ। ପରେ ଏକ ରଥରେ ଶାନ୍ତି ଶୋଭାଯାତ୍ରା କରାଯାଇଥିଲା। ବଡ଼ପଡ଼ିଆ ଜାମା ମସ୍‌ଜିଦ ଠାରୁ ମଧୁବନ କବରଖାନା ପର୍ଯ୍ୟନ୍ତ ଏହି ଶୋଭାଯାତ୍ରା ଯାଇଥିଲା। ସେଠାରେ ପୂର୍ବପୁରୁଷମାନଙ୍କ ଉଦ୍ଦେଶ୍ୟରେ ଦୁଆ କରାଯାଇଥିଲା। ପରେ ଶୋଭାଯାତ୍ରା ମସଜିଦ ପର୍ଯ୍ୟନ୍ତ ଫେରିଥିଲା। ସନ୍ଧ୍ୟାରେ ପ୍ରତିଷ୍ଠିତ ମୌଲାନାମାନଙ୍କ ଜରିଆରେ ଆଲୋଚନା ହୋଇଥିଲା। ଇସ୍‌ଲାମିକ ଆସୋସିଏଶନ ସଭାପତି ଶେଖ ରମଜାନ ସମ୍ପାଦକ ସୁଫି ଅହମ୍ମଦଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୌଲାନା ଅବରାଦ ମସ୍‌ମିଲ, ହାଫିଜ ମଜମ ମିଲ ପ୍ରବଚନ ଦେଇଥିଲେ। କାର୍ଯ୍ୟକ୍ରମକୁ ଆଜାଦ ଭାରତ ମେମୋରିଆଲ ଟ୍ରଷ୍ଟ ସଭାପତି ଅବ୍‌ଦୁଲ୍ ଆବିଦ ଖାନ, ସେଖ ଜାଫର, ଅବଦୁଲ ରହିମ ଖାନ, ମଲ୍ଲିକ ଇମ୍ରାନ, ନଦୀମ ତାହିର ଅଲ୍ଲୀ ପ୍ରମୁଖ ପରିଚାଳନା କରିଥିଲେ।



ମୁସଲିମ ଭାଇମାନେ ଶୋଭାଯାତ୍ରାରେ ଯାଉଛନ୍ତି।

# ରେଳ ଧାରଣାରେ କଟି ଯୁବକ ମୃତ

ମାର୍ଶାଘାଇ,୧୬।୯(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ଥାନା ଅନ୍ତର୍ଗତ କେନାଲବ୍ରିଜ ନିକଟରେ ଥିବା ରେଳ ଧାରଣାରେ କଟି ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ମୃତକ ହେଲେ ମହାକାଳପଡ଼ା ଥାନା ଅନ୍ତର୍ଗତ ହରିଆବାଙ୍କ ଗ୍ରାମର ବାସୁଦେବ ପ୍ରଧାନ (୪୦)। ମୃତଦେହ ନିକଟରେ ଏକ ଲାଲରଙ୍ଗର ହେଲମେଟ୍, ଚପଲ, ଗୋଟିଏ ବାଇକ୍ ଚାବି ପଡ଼ିଛି। ହେଲେ ବାଇକ୍ ନ ଥିବାର ଦେଖିବାକୁ ମିଳି ନ ଥିଲା। ପାଖରେ ପଡ଼ିଥିବା ଆଇଡିବିଆଇ ବ୍ୟାଙ୍କ ପାସ୍ ବୁକ୍‌ରେ ଉପରୋକ୍ତ ନାମଲେଖା ଦେଖିବାକୁ ମିଳିଥିଲା।

# ୫ ବାଲି ବୋଝେଇ ହାଇୱା ଜବତ

ପାଣିକୋଇଲି,୧୬।୯(ବିକାଶ କୁମାର ମଲିକ):

ବାଲି ଚୋରା ଚାଲାଣ ବନ୍ଦ କରିବାକୁ ଯେତେ ପ୍ରୟାସ କଲେ ବି ରାତି ଅଧିଆ ଚାଲିଛି। ଯାଜପୁର ଜିଲା ପାଣିକୋଇଲି ଆଙ୍କୁଲା ରାସ୍ତା ଦେଇ ରବିବାର ବିଳମ୍ବିତ ରାତିରେ ବାଲି ଚୋରା ଚାଲାଣ ହେଉଥିଲା। ଏହି ଖବର ପାଇ ପାଣିକୋଇଲି ପୋଲିସ ସେଠାରେ ଚଢ଼ାଉ କରି ୫ଟି ବାଲି ବୋଝେଇ ହାଇୱା ଜବତ କରିଛି। ମତାବାଦ ଘାଟରୁ ଏହି ବାଲି ବୋଝେଇ ଗାଡ଼ି ଆସୁଥିବା ଖବର ପାଇ ଥାନାଧିକାରୀ ରଞ୍ଜନ କୁମାର ପ୍ରଧାନଙ୍କ ନିର୍ଦ୍ଦେଶରେ ସବ୍‌ଇନ୍ସପେକ୍ଟର ବିଶ୍ୱରଞ୍ଜନ ଦାସ, ହାବିଲଦାର ସୁଲୋଚନ ବେହେରା, ବ୍ରଜ କିଶୋର ସ୍ୱାଇଁ, ଗଣେଶ ଲେଙ୍କା ପ୍ରମୁଖ ସଦଳବଳେ ସେଠାରେ ଚଢ଼ାଉ କରିଥିଲେ। ବାଲି ବୋଝେଇ ହାଇୱା ଚାଳକ କୌଣସି କାଗଜପତ୍ର ଦେଖାଇ ନ ପାରିବାରୁ ପୋଲିସ ସେହି ଗାଡ଼ିଗୁଡ଼ିକୁ ଜବତ କରି ଥାନାକୁ ଆଣିଛି। ଏ ସଂକ୍ରାନ୍ତରେ ଅଧିକ ତଦନ୍ତ ଜାରି ରହିଛି। ଉକ୍ତ ଗାଡ଼ିଗୁଡିକ ସଂକ୍ରାନ୍ତରେ ଖଣି ବିଭାଗକୁ ଅବଗତ କରାଯାଇଛି। ଖଣି ବିଭାଗରେ ଜରିମାନା ଦେବା ପରେ ଗାଡ଼ିଗୁଡ଼ିକୁ ଛଡ଼ା ଯିବ ବୋଲି ଥାନାଧିକାରୀ କହିଛନ୍ତି।

# ନବୋଦୟ ବିଦ୍ୟାଳୟରେ କଳା ଉତ୍ସବ

ରାହାମା,୧୬।୯(ଶ୍ରୀକାନ୍ତ ଦାସ)

କୁଜଙ୍ଗ ବ୍ଲକ ଅନ୍ତର୍ଗତ ସାଇଲୋସ୍ଥିତ ପିଏମ୍‌ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ ଅଧ୍ୟକ୍ଷ ଶ୍ରୀକୃଷ୍ଣ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ସଙ୍କୁଳସ୍ଥରୀୟ କଳା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ କଟକ ସଙ୍କୁଳସ୍ତରୀୟ ଅନ୍ତର୍ଗତ ୨୨ଟି ପିଏମ୍ ଶ୍ରୀ ନବୋଦୟ ବିଦ୍ୟାଳୟର ୧୭୮ଜଣ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଗ୍ରାମୀଣସ୍ତରୀୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା କଳା ଓ ସଙ୍ଗୀତ ଦକ୍ଷତାକୁ ଅବଲୋକନ କରି ସେମାନଙ୍କୁ ଆଗକୁ ବଢ଼ିବା ପାଇଁ ଉତ୍ସାହିତ କରିବା ଏହି ଉତ୍ସବର ମୁଖ୍ୟ ଉଦ୍ଦେଶ୍ୟ। ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଭୁବନେଶ୍ୱରର ପ୍ରାକ୍ତନ ପ୍ରାଧ୍ୟାପକ ପ୍ରଦୀପ କୁମାର ଦାସ, ସମ୍ମାନିତ ଅତିଥିଭାବେ ସାମାଜିକ କର୍ମୀ ଡ.ସୁନାକର ବେହେରା, ଅବସରପ୍ରାପ୍ତ ଯନ୍ତ୍ରୀ ଚନ୍ଦ୍ରଶେଖର ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ବିଚାରକ ମଣ୍ଡଳୀରେ ପଙ୍କଜ କୁମାର ପ୍ରଧାନ, ପ୍ରମୋଦ କୁମାର ସାହୁ, ସୁକେଶ କୁମାର ପଣ୍ଡା, ଉତ୍ତମ କୁମାର ପରିଡ଼ା, ନରୋତ୍ତମ ପରିଡ଼ା, ପୃଥ୍ୱୀରାଜ ପଣ୍ଡା, ଗୌରାଙ୍ଗ ପାଣିଗ୍ରାହୀ, ଭାସ୍କର ଚନ୍ଦ୍ର ପତି, ଅଶୋକ କୁମାର ମେହେର ଓ ଆଶିଷ ଶରଣ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଦାସ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବିଦ୍ୟାଳୟର ହିନ୍ଦୀ ଅଧ୍ୟାପକ ସିମାଞ୍ଚଳ ଗୌଡ଼ ଅତିଥି ପରିଚୟ ପ୍ରଦାନ ସହ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଏବଂ ଅଧ୍ୟକ୍ଷ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ସମୁଦାୟ ଛଅଟି ବିଭାଗର ଯଥା-କଣ୍ଠ ସଙ୍ଗୀତ, ବାଦ୍ୟଯନ୍ତ୍ର, ଅଭିନୟ, ଗଳ୍ପକଥନ, ଦୃଶ୍ୟ କଳା, ଏବଂ ନୃତ୍ୟ ଆଦି ୨୦ଟି ବିଦ୍ୟାଳୟର ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ପାରାଦୀପ ତୈଳବିଶୋଧନଗାରର ବରିଷ୍ଠ ପରିଚାଳକ ଶ୍ରୀକୁମାର କୃଷ୍ଣ ଚନ୍ଦ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତ୍ୟେକ ବିଭାଗର ୩ କୃତୀ ଛାତ୍ରୀଛାତ୍ରଙ୍କୁ ଟ୍ରଫି ଏବଂ ପ୍ରମାଣପତ୍ର ପ୍ରଦାନ କରିଥିଲେ। ସଙ୍ଗୀତ ବିଭାଗର ଅଧ୍ୟାପିକା ପଦ୍ମଜା ବେହେରା ଏବଂ କଳା ବିଭାଗର ଅଧ୍ୟାପକ ସୁଧିରଞ୍ଜନ ମହାପାତ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ପରିଶେଷରେ ନଗେନ୍ଦ୍ର କୁମାର ଶୁକ୍ଳା ଧନ୍ୟବାଦ ଅର୍ପଣ କରିଥିଲେ।



କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

# ଚାଷୀ ପଦଯାତ୍ରାରେ ଯାଇ ମୁଖ୍ୟମନ୍ତ୍ରୀଙ୍କୁ ଗୁହାରି କରିବେ



ବରୁଣା ପାକ୍ସରେ ଚାଷୀଙ୍କ ଅଜାଣତରେ ଟଙ୍କା ହଡ଼ପ ଘଟଣା

## ଆମରଣ ଅନଶନକୁ ସପ୍ତାହେ ବିତିଲା, ଚୁପ ବସିଛି ପ୍ରଶାସନ

ରାଜକନିକା, ୧୬।୯(ସଞ୍ଜୟ କୁମାର ଦାଶ)

ଚାଷୀଙ୍କ ଅଜ୍ଞାତରେ ସେମାନଙ୍କ ବ୍ୟାଙ୍କ ବହିରୁ ଋଣ ଟଙ୍କା ଓ ଛାଡ଼ ଟଙ୍କା ହଡପ୍ ହୋଇଛି ଏହି ଅଭିଯୋଗରେ ସେପ୍ଟେମ୍ବର ୧୦ରୁ ଚାଷୀ ଆମରଣ ଅନଶନରେ ବସିଛନ୍ତି। ସପ୍ତାହେ ବିତିଥିଲେ ମଧ୍ୟ ଚାଷୀଙ୍କ ପ୍ରତି ନୂତନ ସରକାରଙ୍କ ନିଦ ଭାଙ୍ଗୁନି। ପ୍ରଶାସନ, ସମବାୟ ବିଭାଗ ନିଦାବିଷ୍ଟୁ ସାଜିଛନ୍ତି। ୭ ଦିନ ଅନଶନରେ ବସିବା ପରେ କୌଣସି ନ୍ୟାୟ ନ ମିଳିବାରୁ ଚାଷୀମାନେ ସୋମବାର ସନ୍ଧ୍ୟାରେ ଖବରଦାତା ସମ୍ମିଳନୀ ଆମରଣ ଅନଶନରେ ବସିଥିବା ସମିତିସଭ୍ୟ ପ୍ରବେଶନ ମଲିକ, ସମାଜିକ କର୍ମୀ ତଥା କୃଷକ ନେତା ରାଜନାରାୟଣ ଜେନା, ଚାଷୀ ସୂର୍ଯ୍ୟମଣୀ ସାହୁ, ଅରବିନ୍ଦ ମଥାନ, ବାପି ରଣା, ଭରତ ବାରିକ, ରଜତ ଦାସ, ପବିତ୍ର ମୋହନ ମିଶ୍ର, ସଞ୍ଜୟ ନାୟକ, ସଂଗ୍ରାମ ମଲ୍ଲିକ, ସୁବ୍ରତ ସାହୁ, ରବିନାରାୟଣ ଜେନା ପ୍ରମୁଖ ଯୋଗଦେଇଥିଲେ। ସେମାନେ ପାକ୍ସର ଋଣ ଟଙ୍କାକୁ ହଡପ ଘଟଣାର ସମ୍ପାଦକ ଅସିତ କୁମାର ବେହୁରା ଓ କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ପୂର୍ବତନ ଶାଖା ପରିଚାଳକ ସଞ୍ଜୟ କୁମାର ମହାପାତ୍ରଙ୍କ କଳାକାରନାମାକୁ ଘଣ୍ଟ ଘୋଡାଉଥିବା ପ୍ରଶାସନର ଗେହ୍ଲାପୁଅ ସାଜିଥିବା ଅଭିଯୋଗ କରିଛନ୍ତି। ଆମରଣ ଅନଶନକାରୀ ଓ ଚାଷୀଙ୍କୁ ନ୍ୟାୟ ପ୍ରଦାନ ଦାବିରେ ଆସନ୍ତା ୧୮ତାରିଖରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଗୁହାରୀ କରିବାକୁ ରାଜକନିକାରୁ ରାଜଧାନୀ ପଦଯାତ୍ରାରେ ଚାଷୀମାନେ ଯିବେ ବୋଲି କହିଛନ୍ତ। ପ୍ରକାଶ ଥାଉକି, ରାଜକନିକା ବ୍ଲକ ବରୁଣା ପାକ୍ସରେ ଚାଷୀଙ୍କ ଟଙ୍କା ହଡ଼ପକୁ ନେଇ ପର୍ଯ୍ୟାୟକ୍ରମେ ୧୩ ଜଣ ଚାଷୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମାସେ ବିତିଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ। ଖବରଦାତା ସମ୍ମିଳନୀରେ ସ୍ୱରାଜ କୁମାର ଦାଶ, ସୁମନ୍ତ ମଲିକ, ଯଯାତି ପଟ୍ଟନାୟକ, ହିମାଂଶୁ ସାମଲ, ଅକ୍ଷୟ ଗାହାଣ, ଶୁଭ୍ରଜିତ୍ ବିଶ୍ୱାଳ, ଜଗନ୍ନାଥ ସାମଲ, ନନ୍ଦିନୀ ମଲିକ, ଅକ୍ଷୟ ମଲିକ, ଅଜୟ ଜେନା, ତ୍ରିଲୋଚନ ମଲିକ, ରଜତ ଦାଶ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଜିଲ୍ଲାସ୍ତରୀୟ ବିଜ୍ଞାନମେଳାରେ ୫୨ ପ୍ରକଳ୍ପ



ନୟାଗଡ଼ ଜିଲ୍ଲାସ୍ତରୀୟ ବିଜ୍ଞାନମେଳାରେ ପିଲାଙ୍କ ଦ୍ୱାରା ପ୍ରସ୍ତୁତ ପ୍ରକଳ୍ପକୁ ମୂଲ୍ୟାଙ୍କନ କରାଯାଉଛି।

ନୟାଗଡ଼,୧୬।୯(ଲୋକନାଥ ମିଶ୍ର)

## ରାଜ୍ୟସ୍ତରକୁ ଗଲା ୧୨ ପ୍ରକଳ୍ପ

ନୟାଗଡ଼ ଜିଲ୍ଲା ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ ଓଡ଼ିଶା ପକ୍ଷରୁ ନୟାଗଡ଼ ଜିଲ୍ଲାସ୍ତରୀୟ ବିଜ୍ଞାନ ମେଳା ସ୍ଥାନୀୟ ହାଉସିଂ ବୋର୍ଡ କଲୋନୀ ନିକଟ ଶ୍ରୀରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ପ୍ରମୁଖ ଶ୍ରୀଧର ସାହୁ ଅଧ୍ୟକ୍ଷତାରେ କରିଥିଲେ। ନୟାଗଡ଼ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର କୁନି ବୈଜ୍ଞାନିକମାନଙ୍କ ଦ୍ୱାରା ୫୨ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସକାଳ ୧୦ଟାରେ କାର୍ଯ୍ୟକ୍ରମ ଉଦ୍‌ଘାଟନ ହୋଇଥିଲାବେଳେ ଅପରାହ୍ନ ୨ଟାରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ବର୍ଗରେ ଶ୍ରୀରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର ନୟାଗଡ଼ର ଶୁଭଶ୍ରୀ ବେହେରା ପ୍ରଥମ ହୋଇଥିଲାବେଳେ ଆର୍ଯ୍ୟନ ଅମନ ଜେନା ଦ୍ୱିତୀୟ ଓ ଆଦିତ୍ୟ ନାରାୟଣ ସାହୁ ୩ୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଉପବରିଷ୍ଠ ବର୍ଗରେ ଶ୍ରୀରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର ନୟାଗଡ଼ର ବିଶ୍ୱବିଜିତା ମହାନ୍ତି ପ୍ରଥମ ସ୍ଥାନ ଅଧିକାର କରିଥିଲା ବେଳେ ମାଳିସାହି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରତୀକ୍ଷା ପ୍ରିୟଦର୍ଶିନୀ ଦ୍ୱିତୀୟ ଓ ଶ୍ରୀରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର ନୟାଗଡ଼ର ସଚିନ୍ ପାତ୍ର ୩ୟ ସ୍ଥାନ ଅଧିକାର କରିଛନ୍ତି। କନିଷ୍ଠ ବର୍ଗରେ ଶ୍ରୀରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର ନୟାଗଡ଼ର ରୌନକ ପାତ୍ର ପ୍ରଥମ ସ୍ଥାନ ଅଧିକାର କରିଥିଲାବେଳେ ଭାପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଶୁଭ୍ରସ୍ମିତା ଶୁକ୍ଳା ଦ୍ୱିତୀୟ ଓ ଲବେଶ ଅଗ୍ରୱାଲ ୩ୟ ସ୍ଥାନ ଅଧିକାର କରିଛନ୍ତି। ଉପ କନିଷ୍ଠ ବର୍ଗରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ରଣପୁର, ନୂଆଗାଁର ମହେଶ ନାହାକ ପ୍ରଥମ ହୋଇଥିଲାବେଳେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଖମାରସାହିର ସମ୍ଭାବନା ପରିଡ଼ା ଦ୍ୱିତୀୟ ଓ ଶ୍ରୀରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର ନୟାଗଡ଼ର ପ୍ରାଚୀ ପ୍ରଜ୍ଞା ୩ୟ ସ୍ଥାନ ଅଧିକାର କରିଛନ୍ତି। ଏହି ପ୍ରକଳ୍ପଗୁଡ଼ିକ ରାଜ୍ୟସ୍ତରୀୟ ବିଜ୍ଞାନ ମେଳାରେ ଭାଗନେବା ପାଇଁ ଚୟନ ହୋଇଛନ୍ତି। ଉତ୍ସବରେ ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ, ଓଡ଼ିଶାର ବରିଷ୍ଠ କାର୍ଯ୍ୟକର୍ତ୍ତା କୁରୁକ୍ଷେତ୍ର ଧାଙ୍ଗଡ ମାଝି ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇ କୁନି କୁନି ବୈଜ୍ଞାନିକମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ବିଜ୍ଞାନ ଯୁଗରେ ପ୍ରତ୍ୟେକ ଛାତ୍ରୀଛାତ୍ର ବିଜ୍ଞାନ ଅନୁସନ୍ଧିତ୍ସୁ ହେବା ପାଇଁ ପରାମର୍ଶ ଦେଇଥିଲେ। ବିଜ୍ଞାନ ମେଳାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ବିଚାରକ ତଥା ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପଦାର୍ଥ ବିଜ୍ଞାନ ଅଧ୍ୟାପକ ଶରତ ଚନ୍ଦ୍ର ନାୟକ, ଏମ୍‌ଜି ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ, ବିରୁଡାର ପ୍ରଧାନ ଶିକ୍ଷକ ଦୁର୍ଗାକାନ୍ତ ଆଚାର୍ଯ୍ୟ, ପିଣ୍ଡିକେଶ ଆଞ୍ଚଳିକ ମହାବିଦ୍ୟାଳୟର ଜୀବ ବିଜ୍ଞାନ ଅଧ୍ୟାପକ ଆଲୋକ ଚନ୍ଦ୍ର ସାମନ୍ତରାୟ ଯୋଗଦେଇ ପ୍ରକଳ୍ପଗୁଡ଼ିକୁ ମୂଲ୍ୟାୟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଂସ୍ଥାନ ଜିଲ୍ଲା କାର୍ଯ୍ୟକର୍ତ୍ତା ଅବିନାଶ ସାହୁ ଉପସ୍ଥିତ ଥିଲାବେଳେ ଶ୍ରୀରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର ନୟାଗଡ଼ର ସମସ୍ତ ଗୁରୁଜୀଗୁରୁମା ସହଯୋଗ କରିଥିଲେ। ଶେଷରେ ଜିଲ୍ଲା ସଂଯୋଜକ ମନୋରଞ୍ଜନ ପଣ୍ଡା ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ନଦୀ, ପୋଖରୀରେ ନିଖୋଜ ୨ ଜଣଙ୍କ ମୃତଦେହ ମିଳିଲା

ଛତ୍ରପୁର,୧୬।୯(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)

ଛତ୍ରପୁର ବ୍ଲକ ମୁନିସିପେଣ୍ଟ ନିକଟ ଋଷିକୂଲ୍ୟା ନଦୀ କଂସାରୀ ଗଣ୍ଡରେ ଜଣେ ଓ ଗଙ୍ଗାପୁର ପୋଖରୀରେ ନିଖୋଜ ଆଉ ଜଣଙ୍କ ମୃତଦେହ ସୋମବାର ମିଳିଛି। ରବିବାର କଂସାରୀଗଣ୍ଡକୁ ମୁନିସିପେଣ୍ଟ ଗାଁର ଭଗବାନ ହାତୀ ଗାଧୋଇ ଯାଇ ଅସାବଧାନତାରୁ ପାଣିରେ ବୁଡି ନିଖୋଜ ହୋଇଥିଲେ। ଛତ୍ରପୁର ଓଡ୍ରାଫ ଓ ଅଗ୍ନିଶମ ଟିମ ବୋଟ ସହାୟତାରେ ଉଦ୍ଧାର କାର୍ଯ୍ୟ ଚଳାଇଥିଲେ। ସୋମବାର ତାଙ୍କ ମୃତଦେହ ମିଳିଛି। ସେହିପରି ଗଙ୍ଗାପୁର ଗାଁର ଏକ ପୋଖରୀରେ ସୋମବାର ବୁଡିଯାଇ ପୋଟଲାମପୁର ପଞ୍ଚାୟତର ମାଗା ଶାସମଲ (୬୫) ନିଖୋଜ ହୋଇଯାଇଥିଲେ। ତାଙ୍କ ମୃତଦେହ ମିଳିଛି। ୨ ମୃତଦେହ ବ୍ୟବଚ୍ଛେଦ ପାଇଁ ଛତ୍ରପୁର ମେଡିକାଲକୁ ପଠାଯାଇଛି।

### ୧୪ କେଜି ଗଞ୍ଜେଇ ଜବତ, ୩ ଗିରଫ

ଫିରିଙ୍ଗିଆ,୧୬।୯(ବିମଳ ଦିଗାଲ)

ଫୁଲବାଣୀ–ବାଲିଗୁଡା ମୁଖ୍ୟ ରାସ୍ତାର ମୁଣ୍ଡା ସାହି ନିକଟରେ ସୋମବାର ରାସ୍ତାରେ ଚାଲାଣ ହେଉଥିବା ବେଳେ ପୋଲିସ ୧୪ କେଜି ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତି ଅଭିଯୋଗରେ ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ରତଙ୍ଗ ପଞ୍ଚାୟତ ଜଗାରପଦର ଗାଁର ସଞ୍ଜୟ କହଁର ଓ ତ୍ରିନାଥ ଦିଗାଲ, ଜର୍ଗିପଦର ଗାଁର ବିପ୍ଳବ ଦିଗାଲ। ମୁଣ୍ଡା ସାହି ନିକଟରେ ରାସ୍ତା ଉପରେ କିଛି ଗଞ୍ଜେଇ ମାଫିଆ ଏକ ସ୍କୁଟିରେ ଗଞ୍ଜେଇ ଆଣି ଅଟୋରେ ବୋଝେଇ କରୁଥିଲେ। ଖବରପାଇ ପୋଲିସ ସେଠାରେ ଚଢ଼ାଉ କଲାବେଳେ ଅଭିଯୁକ୍ତମାନେ ଗାଡି ଛାଡି ଫେରାର ହେବାକୁ ଉଦ୍ୟମ କରିବା ବେଳେ ଧରାପଡ଼ିଥିଲେ। ଏ ନେଇ ନଂ. ୧୮୯/୨୪ରେ ମାମଲା ରୁଜୁ ହୋଇଛି।

### ପୁଣି ଆସିଲେ ହାତୀପଲ, ଆତଙ୍କିତ ଗ୍ରାମବାସୀ

ଜି.ଉଦୟଗିରି,୧୬।୯(ଶିଶିର ପଟ୍ଟନାୟକ)

ଜି.ଉଦୟଗିରି ଅଞ୍ଚଳରେ ପୁଣି ଥରେ ହାତୀ ଭୟରେ ଆତଙ୍କିତ ଗ୍ରାମବାସୀ। ଜି.ଉଦୟଗିରି ବ୍ଲକ ଅନ୍ତର୍ଗତ କଳିଙ୍ଗା ଗ୍ରାମପଞ୍ଚାୟତର ୧୬ନଂ ୱାର୍ଡର ରେରୁଡ଼ି ଗ୍ରାମରେ ପୁଣି କିଛି ମାସ ବ୍ୟବଧାନରେ ହାତୀପଲଙ୍କ ଉପଦ୍ରବ ଦେଖିବାକୁ ମିଳୁଛି। ବିଳମ୍ବିତ ରାତ୍ରିରେ ପାଖାପାଖି ୧୦ରୁ ଊର୍ଦ୍ଧ୍ୱ ହାତୀ ରେରୁଡ଼ି ଗ୍ରାମରେ ପଶି ଧାନ ବିଲ ନଷ୍ଟ କରିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏହି ହାତୀପଲ ପ୍ରାୟ ରାତି ୧୧ଟାରୁ ସକାଳ ୫ଟା ଯାଏ ଉପଦ୍ରବ କରିବା ସହ ନିମିର ପ୍ରଧାନଙ୍କ ଏକ ଘର ମଧ୍ୟ ଭାଙ୍ଗିଥିବା ଗ୍ରାମବାସୀ କହିଛନ୍ତି। ଏ ସମ୍ପର୍କରେ ବନପାଳ ରଶ୍ମିତା ବକ୍ସିଙ୍କୁ ପଚାରିବାରୁ ସେ ଘଟଣା ସ୍ଥଳରେ ରହି ସ୍ଥିତି ଅନୁଧ୍ୟାନ କରୁଛନ୍ତି। ଗଞ୍ଜାମ ଜିଲ୍ଲା ରମ୍ଭା ଅଞ୍ଚଳରୁ ହାତୀପଲ ଆସିଥିଲେ। ବର୍ତ୍ତମାନ ସେମାନେ ଫେରିଯାଉଥିବା ବିଷୟ କହିବା ସହ ହାତୀ ପଲଙ୍କ ଗତିବିଧି ଉପରେ ନଜର ରଖାଯାଇଛି। ଲୋକେ ଭୟଭୀତ ନ ହୋଇ ସତର୍କ ରୁହନ୍ତୁ ବୋଲି କହିଛନ୍ତି।

# ବିଭିନ୍ନ ସ୍ଥାନରେ ବିଶ୍ୱକର୍ମା ପୂଜା

ଓଡ଼ଗାଁ,୧୬।୯(ଆଦର୍ଶ କୁମାର ପଟ୍ଟନାୟକ)

ଓଡ଼ଗାଁ ଏନ୍‌ଏସି ଓ ଗ୍ରାମାଞ୍ଚଳରେ ସୋମବାର ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ପାଳିତ ହୋଇଯାଇଛି। ଓଡ଼ଗାଁ ଏନ୍‌ଏସି, ବ୍ଲକ, ପୂର୍ତ୍ତ ବିଭାଗ ଓ ବିଦ୍ୟୁତ୍ କାର୍ଯ୍ୟାଳୟ, ଜୟ ଜଗନ୍ନାଥ ମିଶନ ଶକ୍ତିଠାରେ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଯାଇଛି। ସେହିପରି ସିନେମାହଲ ଛକ ବିଶ୍ୱକର୍ମା ବଣିକ ସଂଘ, ଟ୍ୟାକ୍ସି ଷ୍ଟାଣ୍ଡ ଓ ବିଭିନ୍ନ ଗ୍ୟାରେଜରେ ବିଶ୍ୱକର୍ମା ପୂଜା ପାଳିତ ହୋଇଯାଇଛି। ସେହିପରି କୁରାଳ ମେଡିକାଲ ଛକରେ ନିର୍ମାଣ ମିସ୍ତ୍ରି ଓ ଶ୍ରମିକଙ୍କ ଦ୍ୱାରା ଏହି ପୂଜା ଅନୁଷ୍ଠିତ ହୋଇଥିବାବେଳେ ପନ୍ତିଖାରି ପଞ୍ଚାୟତ ମାସାବାରି ଗ୍ରାମରେ ପ୍ରଭୁ ବିଶ୍ୱକର୍ମାଙ୍କ ମନ୍ଦିରରେ ବିଧି ମୁତାବକ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା। ଏହି ପୂଜାରେ ପଥର ଓ କାଠ କାରିଗରଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ। ଅନୁରୂପ ଭାବେ କୋମଣ୍ଡ ମକରପଦାସ୍ଥିତ ଆଇଟିଆଇ କେନ୍ଦ୍ରଠାରେ ବିଶ୍ୱକର୍ମାଙ୍କ ମୂର୍ତ୍ତି ସ୍ଥାପନ କରି ପୂଜାର୍ଚ୍ଚନା କରାଯାଇଛି। ପ୍ରତ୍ୟେକ ପୂଜା ମଣ୍ଡପରେ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ମହିଳା ପାଲା, ସଂକୀର୍ତ୍ତନ, ଭଜନ ଓ ରାମ ନାଟକ ପରିବେଷଣ ହେଉଥିବା ଜଣାପଡ଼ିଛି।

**ଖଣ୍ଡପଡ଼ା,(ଅଜୟ କୁମାର ମହାରଣା):** ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ସୋମବାର ଖଣ୍ଡପଡ଼ା ଓ କଣ୍ଟିଲୋ ଅଞ୍ଚଳର ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ସମେତ ଶିଳ୍ପାନୁଷ୍ଠାନଗୁଡ଼ିକରେ ପାଳିତ ହୋଇଯାଇଛି। ଖଣ୍ଡପଡ଼ା ଓ କଣ୍ଟିଲୋ ବିଦ୍ୟୁତ୍ ବିଭାଗ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ସଂସ୍ଥା, ଜନସ୍ୱାସ୍ଥ୍ୟ ବିଭାଗ, ଜଳ ସମ୍ପଦ ବିଭାଗ, ପୂର୍ତ୍ତ ବିଭାଗ, ଆଇଟିଆଇ ସମେତ ବିଭିନ୍ନ ଘରୋଇ ଶିଳ୍ପାନୁଷ୍ଠାନରେ ବିଶ୍ୱକର୍ମାଙ୍କ ମୂର୍ତ୍ତି ପୂଜା କରାଯାଇଥିଲା।

**ଶରଣକୁଳ, (ଦୀପକ କର):** ଦେବଶିଳ୍ପୀ ବିଶ୍ୱକର୍ମା ସମସ୍ତ ଶିଳ୍ପ ଏବଂ ଶିଳ୍ପୀଙ୍କ କୁଳ ଦେବତା। ବିଶେଷକରି ଶିଳ୍ପ କାରଖାନାରେ ବିଶ୍ୱକର୍ମାଙ୍କ ପୂଜା ପାଳନ କରାଯାଇଥିଲେ ମଧ୍ୟ ବିଭିନ୍ନ ଉଚ୍ଚ ବିଦ୍ୟାଳୟରେ ଧନ୍ଦାମୂଳକ ବିଭାଗର ଛାତ୍ରୀଛାତ୍ର ପୂଜା କରିଛନ୍ତି। ଦେବଶିଳ୍ପୀ ସକଳ ଶିଳ୍ପକଳାର ଜନକ, ସେଥିପାଇଁ ଧନ୍ଦାମୂଳକ ଶିକ୍ଷା ଉପଲବ୍ଧ ଥିବା ବିଭିନ୍ନ ଉଚ୍ଚ ବିଦ୍ୟାଳୟରେ ପୂଜା ଅନୁଷ୍ଠିତ ହୋଇଥିଲା। ସେହିପରି ନାରାୟଣ ଉଚ୍ଚ ବିଦ୍ୟାଳୟ, ଶରଣକୁଳରେ ଧନ୍ଦାମୂଳକ ଶିକ୍ଷାର୍ଥୀମାନେ ବହୁ ନିରାଡମ୍ବର ସହକାରେ ବିଶ୍ୱକର୍ମା ପୂଜା ପାଳନ କରିଥିଲେ। ଏ ନେଇ ଛାତ୍ରୀଛାତ୍ର, ପ୍ରଶିକ୍ଷିକା ପ୍ରଶିକ୍ଷକମାନେ ଅତ୍ୟନ୍ତ ଖୁସି ଅନୁଭବ କରିଛନ୍ତି। ବିଭିନ୍ନ ପ୍ରକାର ତୋରଣ ସହ ବିଶ୍ୱ ରଚୟିତା ବିଶ୍ୱକର୍ମାଙ୍କୁ ଆବାହନ କରିଥିଲେ। ବିଶ୍ୱକର୍ମା ପୂଜା ଉପଲକ୍ଷେ ନୟାଗଡ଼ ଜିଲ୍ଲା ଶିକ୍ଷା ମଣ୍ଡଳ ଅଧିକାରୀ ରାଜଶ୍ରୀ ପଟ୍ଟନାୟକ ଏବଂ ଜିଲ୍ଲା ଅନୁସୂଚିତ ଜାତି ଜନଜାତି ଶିକ୍ଷା ସଂଯୋଜିକା ତଥା ମୁଖ୍ୟ ଭାରପ୍ରାପ୍ତ ଧନ୍ଦାମୂଳକ ଶିକ୍ଷା ବିଭାଗର ସଂଯୋଜିକା ଶୁଭସ୍ମିତା ଦାସ ଧନ୍ଦାମୂଳକ ଶିକ୍ଷାର୍ଥୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସମସ୍ତ ଧନ୍ଦାମୂଳକ ପ୍ରଶିକ୍ଷକ ଓ ପ୍ରଶିକ୍ଷିକା ପୂଜା କାର୍ଯ୍ୟକୁ ସୁଚାରୁ ରୂପେ ସମ୍ପାଦନ କରିଥିଲେ।

# ସାମ୍ବାଦିକତା କ୍ଷେତ୍ରରେ ସ୍ୱାଭିମାନ ବଜାୟ ପାଇଁ ଗୁରୁତ୍ୱ


ବୈଠକରେ ଯୋଗଦେଇଥିବା ଖବରଦାତାମାନେ।

ନୟାଗଡ଼,୧୬।୯(ଲୋକନାଥ ମିଶ୍ର)

## ନୟାଗଡ଼ ଜିଲ୍ଲା ସାମ୍ବାଦିକ ସଂଘ ବୈଠକ

ନୟାଗଡ଼ ଜିଲ୍ଲା ସାମ୍ବାଦିକ ସଂଘର ଏକ ବୈଠକ ବରିଷ୍ଠ ସାମ୍ବାଦିକ ପ୍ରମୋଦ ପଟ୍ଟନାୟକଙ୍କ ପୌରୋହିତ୍ୟରେ ସୋମବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ସାମ୍ବାଦିକତା କ୍ଷେତ୍ରରେ ସ୍ୱାଭିମାନକୁ ବଜାୟ ରଖିବା, ସଂଘୀୟ ବିଚାରାଧାରାକୁ ମଜଭୁତ କରିବା, ସାଙ୍ଗଠନିକ ଶକ୍ତି ବୃଦ୍ଧି ପାଇଁ ବିଭିନ୍ନ ପଦକ୍ଷେପ ନେବା ସମ୍ପର୍କିତ ଅନେକ ଆଲୋଚନା ହୋଇଥିଲା। ସମାଜକୁ ନୂତନ ଦିଗ୍‌ଦର୍ଶନ ଦେବା ସହ ସମାଜର ଉନ୍ନତି ପାଇଁ ଖବରଦାତାମାନେ ସଦାସର୍ବଦା ଚେଷ୍ଟିତ ହେବା ଆବଶ୍ୟକ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ମାତ୍ର ସାମ୍ବାଦିକତାକୁ ଢାଲକରି କେତେଗୋଟି ଗଣମାଧ୍ୟମକୁ ବଦନାମ କରୁଥିବାରୁ ଅସନ୍ତୋଷ ଓ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏହାକୁ ପ୍ରତିହତ କରିବା ପାଇଁ ଜିଲ୍ଲା ସଂଘ ଉଦ୍ୟମ କରିବା ପାଇଁ ଉପସ୍ଥିତ ସଦସ୍ୟମାନେ ମତପ୍ରକାଶ କରିଥିଲେ। ଏଥିସହ ଜିଲ୍ଲା ସାମ୍ବାଦିକ ସଂଘରେ ନୂତନ ସଦସ୍ୟ ଗ୍ରହଣ କରିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏଥିପାଇଁ ଏକ ମନୋନୟନ କମିଟି ଖବରଦାତା ପ୍ରଦୀପ୍ତ ରଥ, ଶିବରାମ ମହାପାତ୍ର ଏବଂ ସୁରେନ୍ଦ୍ର ପ୍ରଧାନଙ୍କୁ ନେଇ ଗଠିତ ହୋଇଛି। ବର୍ତ୍ତମାନ ପରିପ୍ରେକ୍ଷୀରେ ସଂଘର ସୁପରିଚାଳନା ପାଇଁ ଏକ ଷ୍ଟିୟରିଂ କମିଟି ଗଠନ କରାଯାଇଥିଲା। ଏଥିରେ ସଦସ୍ୟ ଭାବେ ପ୍ରମୋଦ ପଟ୍ଟନାୟକ, ସୁବାସ ମହାପାତ୍ର, ନିଶିକାନ୍ତ ରଥ, ପୁରୁଷୋତ୍ତମ ମହାପାତ୍ର, ଶିବରାମ ମହାପାତ୍ର, ଗୋକୁଳ କୁମାର ଷଡ଼ଙ୍ଗୀ, ପ୍ରଭାସିନୀ ନନ୍ଦ ଏବଂ ଏମ ଔରଙ୍ଗଜେବ ପ୍ରମୁଖ ରହିଛନ୍ତି। ସେହିପରି ସୋସିଆଲ ମିଡିଆ ସେଲ୍‌ରେ ଖବରଦାତା ଜୟେନ୍ଦ୍ର ବେହେରା ଏବଂ ଲକ୍ଷ୍ମୀଧର ସାହୁ ରହିଛନ୍ତି। ସଦସ୍ୟ ଭାବେ ପ୍ରଜ୍ଞାପାର୍ଥ ପଟ୍ଟନାୟକ, ଯୋଗେନ୍ଦ୍ର ବେହେରା, ପ୍ରମୋଦ କୁମାର ନନ୍ଦ, ଶୁଭାଶିଷ ପଟ୍ଟନାୟକ, ବିଭୂତି ଭୂଷଣ ପଟ୍ଟନାୟକ ଏବଂ ଦୀପକ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାର ସମସ୍ତ ବ୍ଲକ୍‌ରେ କାର୍ଯ୍ୟରତ ଖବରଦାତାମାନଙ୍କ ସହ ଯୋଗାଯୋଗ କରି ସାଙ୍ଗଠନିକ ଶକ୍ତି ବୃଦ୍ଧି ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଶେଷରେ ଲକ୍ଷ୍ମୀଧର ସାହୁ ଧନ୍ୟବାଦ ଦେଇଥିଲେ।

# ହତ୍ୟା ମାମଲା, ଦୋଷୀଙ୍କୁ ଆଜୀବନ ଜେଲ

ପାରଳାଖେମୁଣ୍ଡି,୧୬।୯(ଗିରିଧାରୀ ପରିଚ୍ଛା)

ଗଜପତି ଜିଲ୍ଲା ଗୋସାଣି ବ୍ଲକର ଯାଜପୁର ଗ୍ରାମର କାଳିଦାସ ପ୍ରଧାନଙ୍କୁ ୨୦୨୦ରେ ହତ୍ୟା କରାଯାଇଥିଲା। ସୋମବାର ଅତିରିକ୍ତ ଜିଲ୍ଲା ଦୌରାଜଜ୍ ପ୍ରଦୀପ କୁମାର ସାମଲ ଏହି ମାମଲାର ଦୋଷୀ ଭାସ୍କର ବିଶ୍ୱାଳଙ୍କୁ ଆଜୀବନ ସଶ୍ରମ କାରାଦଣ୍ଡ ଶୁଣାଇବା ସହ ୧୫ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ୬ ମାସ କାରାଦଣ୍ଡ ଭୋଗିବେ ଭୋଗିବେ ବୋଲ ରାୟରେ ଉଲ୍ଲେଖ କରିଛନ୍ତି। ଅନ୍ୟ ଦୁଇ ଅଭିଯୁକ୍ତ ଛବିଳ ପ୍ରଧାନ ଓ ପ୍ରଭାକର ପ୍ରଧାନଙ୍କୁ ପ୍ରମାଣ ଅଭାବରୁ ଅଦାଲତ ନିର୍ଦ୍ଦୋଷ ସାବ୍ୟସ୍ତ କରିଥିବା ସରକାରୀ ଓକିଲ ବୃନ୍ଦାବନ ନାୟକ ସୂଚନା ଦେଇଛନ୍ତି। ପରକ୍ରିୟା ପ୍ରୀତିକୁ ନେଇ ୨୦୨୦ ଜାନୁଆରୀ ତାରିଖରେ ଭାସ୍କର ଓ ତାଙ୍କ ସହଯୋଗୀ ମିଶି ଗ୍ରାମର କାଳିଦାସଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରିଥିଲେ। ହତ୍ୟାକାଣ୍ଡକୁ ପ୍ରଥମେ ଏକ ଦୁର୍ଘଟଣାଜନିତ ମତ୍ୟୁର ରୂପ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ପୋଲିସ ତଦନ୍ତ ରୁ ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ଜଣାପଡିଥିଲା। ଏହି ଘଟଣାରେ ଭାସ୍କରଙ୍କ ସମେତ ପ୍ରଭାକର ଓ ଛବିଳଙ୍କ ନାମରେ ମକଦ୍ଦମା ରୁଜୁ ହୋଇଥିଲା। ଅଦାଲତ ଉଭୟ ପକ୍ଷର ଶୁଣାଣି କରି ଜଣଙ୍କୁ ଦଣ୍ଡାଦେଶ ଶୁଣାଇବା ସହ ୨ ଜଣଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି।

# ୮ରୁ ବିଶ୍ୱଶାନ୍ତି ବୈଦିକ ମହାଯଜ୍ଞ


ବୈଠକରେ ଉପସ୍ଥିତ ଯଜ୍ଞ କମିଟିର କର୍ମକର୍ତ୍ତାମାନେ।

ଖଣ୍ଡପଡ଼ା,୧୬।୯(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ କଣ୍ଟିଲୋ ପାଣ୍ଡୁସାହୁପାଟଣା ଗ୍ରାମବାସୀଙ୍କ ପକ୍ଷରୁ ଦୀର୍ଘବର୍ଷରୁ ଜଗତକଲ୍ୟାଣ ନିମନ୍ତେ ବିଶ୍ୱଶାନ୍ତି ବୈଦିକ ମହାଯଜ୍ଞ ଅନୁଷ୍ଠିତ ହୋଇଆସୁଛି। ତେବେ ଗତବର୍ଷ ବିଶ୍ୱଶାନ୍ତି ବୈଦିକ ମହାଯଜ୍ଞର ୫୦ବର୍ଷ ପୂର୍ତ୍ତି ଉତ୍ସବ ତଥା ସୁବର୍ଣ୍ଣ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଥିଲା। ଚଳିତ ବର୍ଷ ୫୧ତମ ବିଶ୍ୱଶାନ୍ତି ମହାଯଜ୍ଞ ଅକ୍ଟୋବର ୮ରେ ଅନୁଷ୍ଠିତ ହେବ ବୋଲି ରବିବାର ଭୁବନେଶ୍ୱରଠାରେ ଯଜ୍ଞ କମିଟିର ସଭାପତି ସ୍ୱପ୍ନେଶ୍ୱର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଅକ୍ଟୋବର ୮ ରୁ ୧୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ପ୍ରତ୍ୟେକ ଦିନର କାର୍ଯ୍ୟ କିପରି ଶୃଙ୍ଖଳାର ସହ ସମ୍ପନ୍ନ ହୋଇପାରିବ ଏ ନେଇ ପୁଙ୍ଖାନୁପୁଙ୍ଖ ଭାବେ ଉପସ୍ଥିତ କମିଟି ସଦସ୍ୟମାନଙ୍କ ସହ ଆଲୋଚନା କରାଯାଇଥିଲା। ୮ଦିନ ବ୍ୟାପୀ ଯଜ୍ଞ, ପ୍ରବଚନ, ଅଷ୍ଟପ୍ରହର ନାମଯଜ୍ଞ, ରାବଣ ପୋଡ଼ି, ଭଜନ, ସାଂସ୍କୃତିକ କାର୍ଯ୍ୟକ୍ରମ ସାମାଜିକ ନାଟକ ଆଦି ଅନୁଷ୍ଠିତ ହେବ। ବୈଠକରେ ଅନୁଷ୍ଠାନ ସଦସ୍ୟ ମାନଗୋବିନ୍ଦ ବେହେରା, ପ୍ରଫୁଲ୍ଲ କୁମାର ସାହୁ, ବିଷ୍ଣୁ ପ୍ରସାଦ ମହାରଣା, ବନମାଳୀ ସାହୁ, ନୀଳକଣ୍ଠ ସାହୁ, ସୁରେନ୍ଦ୍ର ନାଥ ସାହୁ ପ୍ରମୁଖ ଅଂଶଗ୍ରହଣ କରି ସୁଚନ୍ତିତ ମତାମତ ରଖିଥିଲେ।

# କାରକୁ ପିଟିଲା ଚଳନ୍ତା କାର୍, ୨ ଗୁରୁତର

ବାଲିଗୁଡ଼ା,(ସଞ୍ଜୟ କୁମାର ପାଣିଗ୍ରାହୀ)

୫୯ ନଂ ଜାତୀୟ ରାଜପଥ କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ହନୁମାନ ମନ୍ଦିର ନିକଟରେ ରବିବାର ରାତିରେ ଏକ କାର୍ ଦୁର୍ଘଟଣା ଘଟିଛି। ମରାମତି ପାଇଁ ରାସ୍ତା କଡ଼ରେ ଠିଆ ହୋଇଥିବା ଏକ କାରକୁ ପଛପଟୁ ପିଟିଲା ଆଉ ଏକ ଚଳନ୍ତା କାର୍। ଦୁର୍ଘଟଣାରେ ଚଳନ୍ତା କାରରେ ଥିବା ତିନିଜଣ ଯାତ୍ରୀଙ୍କ ମଧ୍ୟରୁ ଦୁଇ ଜଣ ଯାତ୍ରୀ ଗୁରୁତର ଆହାତ ହୋଇଥିବା ବେଳେ ଜଣେ ଅଳ୍ପକେ ବର୍ତ୍ତି ଯାଇଥିବା ଜଣାପଡ଼ିଛି। ସ୍ଥାନୀୟ ଲୋକଙ୍କ ସହଯୋଗରେ ଉଭୟଙ୍କୁ ପ୍ରଥମେ ବାଲିଗୁଡ଼ା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଆହତ ଦୁଇଜଣ ବାଲିଗୁଡ଼ାର ସ୍ୱରାଜ ପ୍ରିତମ ପାଢ଼ୀ(ଗୁଡ୍ଡୁ) ଓ ରିକି ହୋଇଥିବା ବେଳେ ରିକିଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଫୁଲବାଣୀ ଜିଲ୍ଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ସମସ୍ୟାରେ ସୁଭଦ୍ରା ଯୋଜନା ଆବେଦନକାରୀ


ସୁଭଦ୍ରା ଯୋଜନା ଆବେଦନ କରିବାକୁ ଆସିଥିବା ଲୋକମାନେ ଲମ୍ବାଧାଡ଼ିରେ ଠିଆ ହୋଇଛନ୍ତି।

ଖଣ୍ଡପଡ଼ା,୧୬।୯(ଅଜୟ କୁମାର ମହାରଣା)

## ଇଣ୍ଟରନେଟ ସେବା ବ୍ୟାହତ

ସମ୍ପ୍ରତି ଖଣ୍ଡପଡ଼ା ଅଞ୍ଚଳରେ ଇଣ୍ଟରନେଟ ସେବା ବ୍ୟାହତ ଯୋଗୁ ସୁଭଦ୍ରା ଯୋଜନା ନିମନ୍ତେ ଆବେଦନ କରୁଥିବା ହଜାର ହଜାର ହିତାଧିକାରୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ଜଣାପଡ଼ିଛି। ଆବେଦନକାରୀ ମହିଳା ଓ ଜନସାଧାରଣଙ୍କର ଖଣ୍ଡପଡ଼ା ବ୍ଲକ ପରିସର, ବିଭିନ୍ନ ଜନସେବା କେନ୍ଦ୍ର, ଉପ ଡାକଘର, ଶାଖା ଡାକଘରେ ଦିନତମାମ ଅସମ୍ଭବ ଭିଡ ଲଗାଉଥିବା ପରିଲକ୍ଷିତ ହେଉଛି। ବିଏସ୍‌ଏନ୍‌ଏଲ୍‌ର ବ୍ରଡବ୍ୟାଣ୍ଡ ସେବା କ୍ରମାଗତ ଭାବେ ଫେଲ୍ ମାରିବା ଯୋଗୁ ଆବେଦନକାରୀମାନେ ଘଣ୍ଟା ଘଣ୍ଟା ଧରି ଲମ୍ବା ଲାଇନରେ ଛିଡ଼ା ହୋଇ ରହୁଛନ୍ତି। ଏପରିକି ଅନେକ ଆବେଦନକାରୀ ଅପେକ୍ଷା କରି ପରିଶେଷରେ ନିରାଶ ହୋଇ ଫେରୁଛନ୍ତି। ସେହିପରି ରାଶନ କାର୍ଡରେ କେୱାଇସି ଯୋଗୁ ମଧ୍ୟ ହିତାଧିକାରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ଦିଗରେ ପ୍ରଶାସନ ଦୃଷ୍ଟି ଦେଇ ସମସ୍ୟାର ସମାଧାନ ନିମନ୍ତେ ବିକଳ୍ପ ବ୍ୟବସ୍ଥା କରିବାକୁ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି।

# କନ୍ଧୁଣୀଦେବୀଙ୍କ କଣ୍ଟାପିଢ଼ା ଯାତ୍ରା ଆରମ୍ଭ

ସୋରଡା,୧୬।୯(ରଜନୀ ମହାପାତ୍ର)


ବାଲିଯାତ୍ରାରେ ବାହାରିଥିବା ଦେହୁରୀ ଓ ଅନ୍ୟମାନେ।

ସୋରଡା ଅଞ୍ଚଳର ଆରାଧ୍ୟା ଦେବୀ ମା' କନ୍ଧୁଣିଦେବୀଙ୍କ ପବିତ୍ର କଣ୍ଟାପିଢା ଯାତ୍ରା ସୋମବାର ଶୁଭାରମ୍ଭ ହୋଇଛି। ପ୍ରଥମ ଦିନ ମା'ଙ୍କ ବାଲିଯାତ୍ରା ଅନୁଷ୍ଠିତ ହେଉଛି। ମା'ଙ୍କ ଦେହୁରି ସେବାୟତମାନେ ୨ଟି ନୂଆ ତାଟ ଧରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମନ୍ଦିରରୁ ଆଜ୍ଞାମାଳ ଆଣି ଯାତ୍ରାର ସୁପରିଚାଳନା ପାଇଁ ଶରଣାପନ୍ନ ହୋଇଥାନ୍ତି। ଜଗନ୍ନାଥଙ୍କ ଆଜ୍ଞାମାଳ ନେଇ ୧୬ କାଠି ବାଦ୍ୟବାଜଣା ସହ ବଡପୁଞ୍ଜା କାଳି ମନ୍ଦିର ସମ୍ମୁଖ ଋଷିକୁଲ୍ୟା ନଦୀ ପାଖରେ ପହଞ୍ଚିଥାନ୍ତି। ସେଠାରେ ଗୁପ୍ତ ପୂଜା ହୋଇଥାଏ। ପରେ ବାଲି ଅଣାଯାଇ ବାଦ୍ୟ ବାଜଣା ସହ ମା'ଙ୍କ ମନ୍ଦିର ଅଭିମୁଖେ ଆସିଥାନ୍ତି। ବାଲିକୁ ଗୋଟିଏ ଗୁପ୍ତ କୋଠରି ମଧ୍ୟରେ ରଖାଯାଏ । ସେଥିରେ ଯାତ୍ରାର ପ୍ରଥମ ମଙ୍ଗଳବାରରେ ଭଜା ଯାଇଥିବା ପଞ୍ଚ ଶସ୍ୟ ରଖାଯାଇଥାଏ। ଯାହା ମା'ଙ୍କ କରୁଣାରୁ ଗଜା ହୋଇଥାଏ। ଭଜା ଶସ୍ୟ ଗଜା ହେବା ପ୍ରକୃତିର ଏକ ବିପରୀତ ଘଟଣା ହୋଇଥିଲେ ମଧ୍ୟ ମା'ଙ୍କ ମହିମାରୁ ତାହା ସମ୍ଭବ ହୋଇଥାଏ। କଣ୍ଟାପିଢା ଯାତ୍ରା ଦିନ ମା' କନ୍ଧୁଣିଦେବୀ ପୋଛୁଣି ଦେହରେ ବିରାଜିତ ହୋଇ ନଗର ପରିକ୍ରମା ସାରି କଣ୍ଟା ଦୋଳିରେ ବସିବା ପୂର୍ବରୁ ଏହି ଭୋଗ ଗ୍ରହଣ କରିଥାନ୍ତି ଏବଂ ଶ୍ରଦ୍ଧାଳୁଙ୍କ ମଧ୍ୟରେ ତାହା ବଣ୍ଟା ଯାଇଥାଏ। କଣ୍ଟାପିଢା ଯାତ୍ରା ପରିଚାଳନା କମିଟି ସଭାପତି ତଥା ବିଧାୟକ ନୀଳମଣି ବିଷୋୟୀ ମା'ଙ୍କ ଶରଣରେ ନିବେଦନ କରି ଯାତ୍ରା ଆରମ୍ଭ ପାଇଁ ଆଜ୍ଞା ଗ୍ରହଣ କରିଥିଲେ। ଜଗନ୍ନାଥଙ୍କ ମନ୍ଦିରରେ ମା' କନ୍ଧୁଣିଦେବୀଙ୍କ ପାରମ୍ପରିକ ସାଧକ କାଳି ଚରଣ ଶତପଥୀ ଆଜ୍ଞାମାଳକୁ ବନ୍ଦାପନା କରିଥିଲେ। ମନ୍ଦିର ପରିଚାଳନା କମିଟି ସଭାପତି ଶିବ ପ୍ରସାଦ ସୁଆରଙ୍କ ସମେତ ସମସ୍ତ ସଦସ୍ୟ, ଯାତ୍ରା ପରିଚାଳନା କମିଟି ସମ୍ପାଦକ ରଜନୀ ମହାପାତ୍ର, ଉପସଭାପତି ଦୁର୍ଗା ଚରଣ ଶତପଥି, ସହ ସମ୍ପାଦକ କୈଳାସ ଚନ୍ଦ୍ର ପଣ୍ଡା ଓ କୋଷାଧ୍ୟକ୍ଷ ପ୍ରମୋଦ ଅଧିକାରୀଙ୍କ ସମେତ ଥାନାଧିକାରୀ ଅନିଲ କୁମାର ପରିଡା ସମେତ ଶତାଧିକ ଶ୍ରଦ୍ଧାଳୁ ବାଲି ଯାତ୍ରାରେ ସାମିଲ ହୋଇଥିଲେ। ୧୦ ଦିନ ଧରି ଯାତ୍ରା ହେବା ସହ ଆଶ୍ୱିନ କୃଷ୍ଣ ଅଷ୍ଟମୀ ତଥା ମୂଳାଷ୍ଟମୀରେ ସମାପନ ହେବ। ଏହି ଅବସରରେ ମା' କନ୍ଧୁଣିଦେବୀ ମହୋତ୍ସବ ୨୦ରୁ ଆରମ୍ଭ ହୋଇ ୨୩ରେ ସମାପନ ହେବ ବୋଲି ପରିଚାଳନା କମିଟି ତରଫରୁ ସୂଚନା ଦିଆଯାଇଛି। ଏହି ଅବସରରେ କନ୍ଧୁଣିଦେବୀଙ୍କ ଉପରେ ସ୍ୱତନ୍ତ୍ର ଭଜନକୁ ସୋରଡା ବିଧାୟକ ତଥା ସଭାପତି ନୀଳମଣି ବିଷୋୟୀ ଉନ୍ମୋଚନ କରିଥିଲେ।

# ମହମ୍ମଦ ଜୟନ୍ତୀ ପାଇଁ ଉତ୍ସବମୁଖର ଯାଜପୁର

**ଯାଜପୁର ଟାଉନ,୧୬।୯ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି) :**

ହଜରତ୍ ମହମ୍ମଦଙ୍କ ଜୟନ୍ତୀ ଯାଜପୁରସହରରେ ମହାସମାରୋହରେ ପାଳିତ ହୋଇଯାଇଛି। ମହମ୍ମଦଙ୍କ ଜନ୍ମ ଉତ୍ସବରେ ଯାଜପୁର ସହରର ପ୍ରାୟ ୨୩ଟି କମିଟି ଯୋଗଦେଇଥିଲେ। ଆୟୋଜିତ ଏହି ଉତ୍ସବରେ କମିଟି ପକ୍ଷରୁ ଆୟୋଜିତ ଶୋଭାଯାତ୍ରା ଯାଜପୁରସହରସ୍ଥିତ କୁସୁମା ନିକଟରୁ ବାହାରି ସହର ପରିକ୍ରମା କରିଥିଲା । ପ୍ରଜ୍ଞାପନ ମେଢ଼ ସହ ଇସ୍‌ଲାମ ଧର୍ମୀୟ ଧ୍ୱନୀଦେଇ ମେଡିକାଲ ଛକ, ମାର୍କେଟ ଛକ, ବଡବଜାର, ଗରିଆପୁର, କବରଖାନା, ତାରାମଦନ, ଟାଉନହଲ ଛକ, ରେଡ଼କ୍ରସ ଛକ, କିଆନାଳିକୂଳ ଓ ଶେଷରେ ଗାନ୍ଧିଛକ ନିକଟରେ ଶୋଭାଯାତ୍ରା ପହଞ୍ଚିଥିଲା। ଏହି ଶୋଭାଯାତ୍ରାରେ ଯାଜପୁର ପୌରପାଳିକାର ଅଧ୍ୟକ୍ଷା ରଞ୍ଜୁଲତା ହୋତା, ପୌରା ଉପାଧ୍ୟକ୍ଷ ସନ୍ତୋଷ ମଲିକ, ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ, ପୂର୍ବତନ ପୌରପାଳ ଅଧ୍ୟକ୍ଷ ଭବପ୍ରସାଦ ଦାସଙ୍କ ସମେତ ସମସ୍ତ କାଉନସିଲର, ବରିଷ୍ଠ ବିଜେଡି ନେତା କର୍ଣ୍ଣାଟକେଶରୀ ଦାସ, ବଳଭଦ୍ର ଦାସ ପ୍ରମୁଖ ଯୋଗଦେଇ ମୁସଲିମ୍ ଭାଇମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଆୟୋଜିତ ଶୋଭାଯାତ୍ରାରେ ଅଞ୍ଜୁମନ୍-ଗାଜିଏ-ମିଲ୍ଲତ ପକ୍ଷରୁ ସେକ୍ ଅବ୍‌ଦୁଲ୍ ସଜିଦ(ଚାନ୍ଦ), ହାଇଦର, କାଶିଦ୍, ଜାକିର, ସେଖ୍ ଅମଜାଦ୍, ସେକ୍ ମୁର୍ତାଜା, ସେକ୍ ସାକିର, ସେକ୍ ଲାଲେଙ୍କ ସମେତ ସମସ୍ତ କମିଟିର ବହୁ ଛୋଟଛୋଟ ପିଲାମାନେ ଅଂଶ ଗ୍ରହଣ କରିଥିଲେ।





ଯାଜପୁରରେ ଆୟୋଜିତ ମହମ୍ମଦଙ୍କ ଜୟନ୍ତୀ ଶୋଭାଯାତ୍ରାରେ ସାମିଲ ହୋଇଥିବା ଝୁଲ୍‌ସ୍।

## ମୁସଲମାନ ବସ୍ତିରେ ମହମ୍ମଦ ଜୟନ୍ତୀ ପାଳିତ

**ପାଣିକୋଇଲି,୧୬।୯(ବିକାଶ କୁମାର ମଲିକ):** ମହମ୍ମଦଙ୍କ ଜୟନ୍ତୀ ମୁସଲମାନ ବସ୍ତିରେ ପାଳିତ ହୋଇଛି । ପାଣିକୋଇଲି, ଶଗଡ଼ି, ବଇଁଚିରାରେ ଏହି କାର୍ଯ୍ୟକ୍ରମ କରାଯାଇଛି। ଏହି ଅବସରରେ ସୁସଜ୍ଜିତ ଶୋଭାଯାତ୍ରା ବାହାରିଥିଲା । ବିଭିନ୍ନ ରଙ୍ଗର ପତାକା ଧରି ମୁସଲମାନ ଭାଇମାନେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ମହମ୍ମଦଙ୍କ ଜନ୍ମ ଦିନକୁ ଜସିନ-ଇ-ଇଦ- ମିଲାଦୁନ ନବି ଭାବେ ପାଳନ କରାଯାଇଛି।

## ବଡ଼ଚଣାରେ ମହମ୍ମଦଙ୍କ ଜୟନ୍ତୀ ପାଳିତ

**ବଡ଼ଚଣା,୧୬।୯(ଦିଲ୍ଲୀପ କୁମାର ମହାନ୍ତି):** ଇସଲାମ ଧର୍ମର ପ୍ରବର୍ତ୍ତକ ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ଭକ୍ତି, ଶ୍ରଦ୍ଧା, ଆନନ୍ଦ ଉଲ୍ଲାସର ସହିତ ପାଳନ ହେଇଯାଇଛି । ସକାଳୁ ମୁସଲମାନ ଭାଇମାନେ ନୂତନ ବସ୍ତ୍ର ପରିଧାନ କରି ଏକ ଶୋଭଯାତ୍ରାରେ ସୁଙ୍ଗୁଡ଼ା ଗ୍ରାମର ପ୍ରତ୍ୟେକ ସାହି ପରିକ୍ରମା କରିଥିଲେ । ଶୋଭାଯାତ୍ରାକାରୀଙ୍କୁ ବସ୍ତି ବାସିନ୍ଦାମାନଙ୍କ ତରଫରୁ ମିଷ୍ଟାନ୍ନ ବଣ୍ଟନ କରାଯିବା ସହିତ ସ୍ୱାଗତ କରାଯାଇଥିଲା। ମସଜିଦ ସମ୍ମୁଖରେ ନାତିଆ କଲାମ ପରେ ଦୁଆ ପାଠ କରାଯାଇ ପ୍ରତ୍ୟେକ ମୁସଲମାନ ଭାଇମାନେ ମହମ୍ମଦଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେବା ସହ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା, ଭାଇଚାରା କରିବାକୁ ଆହ୍ୱାନ କରାଯାଇଥିଲା । ଯୁବନେତା ଅରବିନ୍ଦ ସାମଲ, ପୂର୍ବତନ ସମିତି ସଭ୍ୟ ନିରଞ୍ଜନ ସେନାପତି, ପଲ୍ଲୀ ମଙ୍ଗଳ ସେବା ସମବାୟ ସମିତିର ସଭାପତି ସଞ୍ଜୟ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ମୁସଲମାନ ଭାଇମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହି କାର୍ଯ୍ୟକ୍ରମକୁ ମୌଲନା କାସିମ ରାଜା ହାପିଜ ଓ କାରିନିୟାମ ହୋଷେନ, ବସ୍ତିର ସର୍ଦ୍ଦାର ଅମଜାଦ ହୋସେନ, ନାଏବ ସର୍ଦ୍ଦାର ଅବଦୁଲ ହନାନ, ପୂର୍ବତନ ସର୍ଦ୍ଦାର ସେକ ସବିରୁଦ୍ଦିନ, ମର୍ସି ଆଲାମ , ରିୟା ଜୁଦ୍ଦିନ ଖାଁ, ସିକନ୍ଦର ଆଲାମ, ମହମ୍ମଦ ରିୟାଜ , ଗୟା ସୁଦ୍ଦିନ ରାଜା, ସେକ ସିରାଜୁଦ୍ଦିନ , ମହମ୍ମଦ ମୁନସର୍, ମହମ୍ମଦ ଅୟାସ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ଦର୍ପଣୀ, ବାତୋ, ଚାରିନଙ୍ଗଳ, ଅରଖପୁରଠାରେ ମହମ୍ମଦଙ୍କ ଜୟନ୍ତୀ ପାଳିତ ହୋଇଯାଇଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଲକ୍ଷ୍ମୀପ୍ରିୟା



@ ରାମକ୍ରିଷ୍ଣ



@ ସୁଦୀପ୍ତ



@ ସୁରେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଜେନାପୁରରେ ମହମ୍ମଦ ଜୟନ୍ତୀ

**ଜେନାପୁର,୧୬।୯(ଅଶୋକ ଦାସ):**

ଧର୍ମଶାଳା ବ୍ଲକ ଜେନାପୁର ଥାନା ଅଧୀନ ରଘୁନାଥପୁର ଓ ଗୋବିନ୍ଦପୁର ଗ୍ରାମରେ ସୋମବାର ମହମ୍ମଦଙ୍କ ଜୟନ୍ତୀ ମହାଆଡମ୍ବର ସହକାରେ ପାଳନ ହୋଇଯାଇଛି। ମସଜିଦ୍‌ର ଏମାମସାହେବ ସେକ୍ ଆମରୁଲ୍ଲାଙ୍କ ନେତୃତ୍ବରେ ମୁସଲମାନ ଭାଇମାନେ ନୂତନ ପୋଷାକ ପରିଧାନ କରି ମସଜିଦ୍ ପରିସରରେ ସମୁହ ନମାଜ ପାଠ କରିବା ସହ ପରସ୍ପରକୁ ମୁବାରକ ଜଣାଇ ଥିଲେ। ପରେ ଏକ ଶୋଭାଯାତ୍ରା ବାହାରି ଗ୍ରାମ ପରିକ୍ରମା କରିଥିଲା । ଏହି କାର୍ଯ୍ୟକ୍ରମରେ ସେକ ଶାହେର, ମହମ୍ମଦ ତାରିଖ, ସେକ ରିଆ ଜୁଉଦ୍ଦିନ, ସେକ ସକିଲ, ସେକ ମୁକ୍ତାର, ସେକ ଅବଦୁଲ ଗୋଲାପ, , ସେକ ସୋହେଲ ଆଲାମ, ସେକ କଲିଅକ୍ତର, ସେକ ଅବଦୁଲ ସହିଦ, ସେକ ଆଝାରୁଦ୍ଦିନ, ସେକ ରଜବଅଲ୍ଲୀ, ସେକ ସେକସକତ, ସେକ ଆବୁଜାଫର୍‌ଙ୍କ ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ ।



## ବ୍ରାହ୍ମଣୀ ନଦୀରେ ବୁଡ଼ି ଯୁବକ ମୃତ

**ରସୁଲପୁର/ବ୍ରହ୍ମବରଦା,୧୬।୯ (ରଞ୍ଜିତ ରାଉତ/ଯଯାତି କେଶରୀ ବେହେରା):**

ରସୁଲପୁର ତହସିଲ ବ୍ରହ୍ମବରଦା ଥାନା ଅର୍ଥଙ୍ଗା ପଞ୍ଚାୟତ ଅନ୍ତର୍ଗତ ବଡ଼ ଚଅପୋଇ ଗ୍ରାମର ଜଣେ ଯୁବକ ବ୍ରାହ୍ମଣୀ ନଦୀରେ ବୁଡ଼ି ପ୍ରାଣ ହରାଇଛନ୍ତି । ମୃତ ଯୁବକ ହେଲେ ବଡ଼ ଚଅପୋଇ ଗ୍ରାମର ସୁରତ ପାତ୍ର (୪୩)। ବ୍ରହ୍ମବରଦା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଧର୍ମଶାଳା ମେଡିକାଲକୁ ପଠାଇଛି । ସୋମବାର ସୁରତ ନଦୀକୁ ଗାଧୋଇବାକୁ ଯାଇଥିଲେ । ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଓ ସ୍ଥାନୀୟ ଲୋକେ ନଦୀକୂଳରେ ଖୋଜାଖୋଜି କରିଥିଲେ। ଅପରାହ୍ନ ୨ଟା ସମୟରେ ସୁରତଙ୍କ ମୃତଦେହ ନଦୀରେ ଭାସୁଥିବା ପରିବାର ଲୋକେ ଦେଖିଥିଲେ। ଗ୍ରାମବାସୀଙ୍କ ସହାୟତାରେ ନଦୀରୁ ମୃତଦେହକୁ ଉଦ୍ଧାର କରାଯାଇଥିଲା । ମୃତ ସୁରତ ତାଙ୍କ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ । ତାଙ୍କର ୨ ଝିଅ ଅଛନ୍ତି । ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି ।

# ସମିତି ବାରଣ୍ଡାରେ ପଡ଼ିରହିଛନ୍ତି ଅସହାୟ ଯୁବକ

**ସରକାରୀ ଯୋଜନା ଅପହଞ୍ଚ**

**ସିଂହପୁର,୧୬।୯(ଅନଙ୍ଗ ଉଦୟ ବେଉରିଆ):**

ଯାଜପୁର ଜିଲା ବିଂଝାରପୁର ଥାନା ଅଧୀନ ବରୀ ବ୍ଲକ ଅଙ୍ଗାଲୋ ପଞ୍ଚାୟତ ଅଙ୍ଗଲୋ ଗ୍ରାମ ତଳ ମଲିକ ସାହିର ବାଦଲ ମଲିକ(୪୦) ଜଣେ ଅସହାୟ ଯୁବକ । ତାଙ୍କ ପରିବାରର ଅନ୍ୟ କେହି ନାହାନ୍ତି । ବାଦଲଙ୍କ ବାମ ପଟ ଆଖି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ସେ ଅନ୍ୟ ଆଖିରେ ବି ଠିକ୍‌ରେ ଦେଖି ପାରୁନାହାନ୍ତି । ଏହି କାରଣର ସେ କାମ ଧନ୍ଧା କରି ନ ପାରି ଭୋକ ଉପାସରେ ସମିତି ବାରଣ୍ଡାରେ ପଡି ରହିଛନ୍ତି।



ନିଜର ବାସଗୃହ ନ ଥିବାରୁ ଅଙ୍ଗାଲୋ କୃଷି ସମବାୟ ସମିତି ଗୃହରେ ମୁଣ୍ଡ ଗୁଞ୍ଜିଛନ୍ତି ବାଦଲ। ଅନ୍ୟର ହାତଟେକା ସହାୟତାକୁ ସେ ଅପେକ୍ଷା କରିଛନ୍ତି। ଅଥଚ ଏପରି ଜଣେ ବାସହୀନ ଦିନ ଦରିଦ୍ର, ଭିନ୍ନକ୍ଷମ, ଅସହାୟ ଯୁବକଙ୍କୁ କୌଣସି ସରକାରୀ ସହାୟତା ମିଳୁନି । ଯଦି ଏପରି ଯୁବକଙ୍କ ପାଇଁ ସରକାରୀ ସହାୟତା ମିଳୁନି ତେବେ ସରକାରୀ ଯୋଜନା କାହା ପାଇଁ ବୋଲି ସ୍ଥାନୀୟ ଲୋକେ ପ୍ରଶ୍ନ କରିଛନ୍ତି। ଏବେ ବାଦଲ ଅସୁସ୍ଥ ଥିବାରୁ ସମିତି କାର୍ଯ୍ୟାଳୟରେ ଅଖିଆ ଅପିଆ ପଡ଼ି ରହିଛନ୍ତି । ତୁରନ୍ତ ତାଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି । ଅନ୍ୟପକ୍ଷେ ସରକାରୀ ସହାୟତା, ଆବାସ ଯୋଜନାରେ ବାସଗୃହ ଯୋଗାଇ ଦେବାକୁ ସାମାଜିକ କର୍ମୀ ପ୍ରଭାସ କୁମାର ସାମଲ, ଚନ୍ଦ୍ର ଶେଖର ସାମଲ, ଅନିଲ ରୟ, ପର୍ଶୁରାମ ସାମଲ, ଧୀରେନ ସାମଲ, ମହେଶ୍ୱର ସେଠୀ, ପର୍ଶୁରାମ ସାମଲ, ସଞ୍ଜୟ ସାମଲ ପ୍ରମୁଖ ଦାବି କରିଛନ୍ତି ।

## ଠିକାଦାରଙ୍କୁ ଦାଦା ବଟି ମାଗି ୨ ଯୁବକ ଗିରଫ

**କଳିଙ୍ଗନଗର,୧୬।୯(ଶୁଭାଶିଷ ରାଉତ):**

ଯାଜପୁର ଜିଲା କଳିଙ୍ଗନଗର ଥାନା ଅନ୍ତର୍ଗତ ଗୋବରଘାଟି ଗ୍ରାମର ଜଣେ ଠିକାଦାରଙ୍କୁ ଦାଦା ବଟି ମାଗିବା ଅଭିଯୋଗରେ ପୋଲିସ ୨ ଯୁବକଙ୍କୁ ଗିରଫ କରିଛି । ଗିରଫ ଦୁଇ ଅଭିଯୁକ୍ତ ହେଲେ ଗୋବରଘାଟିର ମଙ୍ଗଳ ସିଂହ ଲାଗୁରି (୨୫) ଓ ପାଣ୍ଡବ ଯମୁଡା (୨୪) । ସୂଚନା ଅନୁଯାୟୀ, ଗତ ୧୪ ତାରିଖରେ ଗୋବରଘାଟିର ଠିକାଦାର ସଙ୍ଗେନ ପିଙ୍ଗୁଆଙ୍କୁ ୧ ଲକ୍ଷ ଟଙ୍କା ଦାଦାବଟି ଏହି ଯୁବକଦ୍ୱୟ ମାଗିଥିଲେ।। ଦାଦା ବଟି ନ ଦେଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ । ଠିକାଦାର ଏ ସଂକ୍ରାନ୍ତରେ କଳିଙ୍ଗନଗର ଥାନାରେ ଅଭିଯୋଗ କରିଥିଲେ । ତାଙ୍କ ଅଭିଯୋଗକୁ ଅଧାର କରି ପୋଲିସ ଏକ ମାମଲା(ନଂ.୨୧୯/୨୪) ରୁଜୁ କରି ୨ ଅଭିଯୁକ୍ତଙ୍କୁ ରବିବାର ରାତିରେ ଗିରଫ କରିଥିଲା । ସୋମବାର ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି ।



ଗିରଫ ୨ ଅଭିଯୁକ୍ତ ।

## ଦିଲ୍ଲୀରେ ଓଡ଼ିଆ ସାମାଜିକ କର୍ମୀ ସମ୍ବର୍ଦ୍ଧିତ



**ବିଞ୍ଝାରପୁର,୧୬।୯(ରାମକୃଷ୍ଣ ଦାସ):** ନୂଆଦିଲ୍ଲୀଠାରେ ଓଡ଼ିଆ ସାମାଜିକ କର୍ମୀ ସ୍ମୃତିରଞ୍ଜନ ସାହୁ ସୋମବାର ସମ୍ବର୍ଦ୍ଧିତ ହୋଇଛନ୍ତି । ଗ୍ଲୋବାଲ ଏକ୍ସସେଲେନ୍ସ ଫୋରମ ପକ୍ଷରୁ ନୂଆଦିଲ୍ଲୀ ଲିମେରି ଡାଇନିଂ ଆନ୍ତର୍ଜାତୀୟ ସଭାଗୃହରେ ସାହୁଙ୍କୁ ଏହି ଗ୍ଲୋବାଲ ଆଇକନ ଆୱାର୍ଡ଼ ପ୍ରଦାନ କରାଯିବା ସହ ସମ୍ବର୍ଦ୍ଧିତ କରାଯାଇଛି। ଗୋବଲ ଏକ୍ସସେଲେନ୍ସ ଫୋରମର ପ୍ରତିଷ୍ଠାତା ତଥା ସଭାପତି ଜିତେନ୍ଦ୍ର କୁମାର ସାହୁଙ୍କୁ ଏହି ଆୱାର୍ଡ ପ୍ରଦାନ କରିଛନ୍ତି । ସାହୁଙ୍କୁ ତାଙ୍କର ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଏହି ସମ୍ମାନ ପ୍ରଦାନ କରାଯାଇଛି । ଏହି ସ୍ୱତନ୍ତ୍ର ଉତ୍ସବରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ, ଯାଜପୁର ଏମ୍‌ପି ଡ.ରବିନ୍ଦ୍ର କୁମାର ବେହେରା ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ । ସାହୁ ନୂଆଦିଲ୍ଲୀରେ ସମ୍ବର୍ଦ୍ଧିତ ହେବା ଖବର ଜଣାପଡିବା ପରେ ବିଞ୍ଝାରପୁର ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି । ସୂଚନାଯୋଗ୍ୟ, ସ୍ମୃତିରଞ୍ଜନ ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ୍ ଗୁହାଳି ଗ୍ରାମ ପଞ୍ଚାୟତ ପଦାସାହି ଗ୍ରାମର ନାରାୟଣ ଚନ୍ଦ୍ର ସାହୁଙ୍କ ସୁପୁତ୍ର ଅଟନ୍ତି ।

# ଖଣି କର୍ମଚାରୀ,ଶ୍ରମିକଙ୍କ ସହ ଆଲୋଚନା କଲେ ମନ୍ତ୍ରୀ ବଳସାମନ୍ତ

**ବିଶ୍ୱକର୍ମାଙ୍କ ପୂଜା ମଣ୍ଡପ ବୁଲିଲେ**

**କାଳିଆପାଣି,୧୬।୯(ଅସିତ ମହାନ୍ତ):**

ରବିବାର ଯାଜପୁର ଜିଲା କାଳିଆପାଣି ଖଣି ଅଞ୍ଚଳକୁ ସମବାୟ, ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ୨ଦିନିଆ ଗସ୍ତ କରି ଖଣି କର୍ମଚାରୀ ଓ ଶ୍ରମିକଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ମନ୍ତ୍ରୀ ବଳସାମନ୍ତ ରବିବାର ସନ୍ଧ୍ୟାରେ କାଳିଆପାଣିରେ ପହଞ୍ଚି ଥିଲେ । କାଳିଆପାଣି ଟାଉନସିପ୍‌ସ୍ଥିତ ଅତିଥିଶାଳାରେ ସେ ଭାଜପା କର୍ମୀଙ୍କ ସହ ଦଳର ସାଙ୍ଗଠନିକ ସ୍ଥିତକୁ ନେଇ ଆଲୋଚନା କରିଥିଲେ । କାଳିଆପାଣି ଖଣି ଅଞ୍ଚଳର ବିକାଶ, ବିଭିନ୍ନ ଖଣିରେ ଲାଗି ରହିଥିବା ଶ୍ରମିକ ସମସ୍ୟା ତଥା ନିଯୁକ୍ତି ପ୍ରସଙ୍ଗକୁ ନେଇ ମନ୍ତ୍ରୀ ବଳସାମନ୍ତ ଏକାଧିକ ବୈଠକ କରିଥିଲେ । ଯଥାଶୀଘ୍ର ଏହି ସମସ୍ୟାର ସମାଧାନ ପାଇଁ ସେ ଖଣି କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ମନ୍ତ୍ରୀ ଅତିଥିଶାଳାରେ ପହଞ୍ଚିବା ପରେ ଖଣି ପ୍ରବନ୍ଧକ ଇଂ.ଦୀପକ ରଞ୍ଜନ ମହାନ୍ତଙ୍କ ସହ ନିଗମର ବହୁ କର୍ମଚାରୀ, ସ୍ଥାନୀୟ ଭାଜପା ନେତା ଓ କର୍ମୀମାନେ ତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରିଥିଲେ। ସୋମବାର ଓଏମସି, ଡେକୋ, କେଟିଏଲ, ଇମ୍ପାର ନାରାୟଣୀ ଓ ମାହେଶ୍ୱରୀ, ଟାଟାର ଡେକୋ, ବେଦାନ୍ତ କମ୍ପାନୀ, ଓଡ଼ିଶା ମୋଟର ଠିକାଦାର, ଶ୍ରମିକ ଓ କର୍ମଚାରୀମାନଙ୍କ ସହିତ ଏକାଧିକ ବୈଠକ କରି ଶ୍ରମିକମାନଙ୍କ ସମସ୍ୟା ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଖଣି ନିଗମର ଆଞ୍ଚଳିକ ପରିଚାଳକ ଆଶିଷ ସାମନ୍ତରାୟ ପ୍ରଶାସନିକ ଆଞ୍ଚଳିକ ମୁଖ୍ୟ ଦେବାଶିଷ ସାମଲ , ଖଣି ପରିଚାଳକ ଗଣେଶ୍ୱର ଭୂୟାଁ, ବେଦାନ୍ତ ଫେକରର ପରିଚାଳକ ଏମ୍.ମୁଥୁମାରି ପ୍ରମୁଖ ବୈଠକରେ ସାମିଲ ହୋଇ ଶ୍ରମିକ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ । ଏହି ଅବସରରେ ମନ୍ତ୍ରୀ ବିଭିନ୍ନ ଖଣିରେ ଆୟୋଜିତ ବିଶ୍ୱକର୍ମା ପୂଜାମଣ୍ଡପ ପରିଦର୍ଶନ କରିଥିଲେ। ଓଡିଶା ମୋଟର୍ସର ନିର୍ଦ୍ଦେଶକ ପ୍ରାଣକୃଷ୍ଣ ନାୟକଙ୍କ ସହିତ ସାକ୍ଷାତ ବେଳେ କର୍ମଚାରୀ ଓ ଶ୍ରମିକମାନଙ୍କ ମଙ୍ଗଳ ଓ ଅଞ୍ଚଳର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ବେଦାନ୍ତ ଖଣିର ବରିଷ୍ଠ ପ୍ରବନ୍ଧକ ଇଂ.ଅଜୟ ପାତ୍ର, ଓଏମ୍‌ପିଏଲର ପରିଚାଳକ ତପନ କୁମାର ପାଣି, ବରିଷ୍ଠ ଭାଜପା ନେତା ଅମଳେନ୍ଦୁ ବେହୁରା, ବେଣୁଧର ମହାନ୍ତ, ରବି ସାହୁ, କୁନା ମହାନ୍ତ, ଯଦୁମଣି ମହାନ୍ତ, ମନୋଜ ମହାନ୍ତ,ବିଦ୍ୟାଧର ପାତ୍ର ପ୍ରମୁଖ ମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ।



ବିଶ୍ୱକର୍ମା ପୂଜାମଣ୍ଡପରେ ନିଜ ସମର୍ଥକଙ୍କ ସହ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ।

# ବିଶ୍ୱକର୍ମା ପୂଜା ପାଇଁ ବନ୍ଦର ନଗରୀ ଉତ୍ସବମୁଖର




ପାରାଦୀପ -ଏରସମା ଶିଳ୍ପାଞ୍ଚଳ ଶ୍ରମିକ ସଂଘର କଳସ ଶୋଭାଯାତ୍ରା।



ଜଗନ୍ନାଥ ଟ୍ରକ୍ ମାଲିକ ସଂଘ।



ପାରାଦୀପ ଟ୍ରକ୍ ମାଲିକ ସଂଘ।



ପାରାଦୀପ ପୋର୍ଟ ବିଦ୍ୟୁତ୍ ବିଭାଗ।



ପାରାଦୀପ ପୋର୍ଟ ଡକ୍ ମଜଦୁର ୟୁନିୟନ।



ଓଡ଼ିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ସଂଘ।



ମାର୍ଶାଘାଇଠାରେ ବିଶ୍ୱକର୍ମା ପୂଜା।



ରାଜନଗର ବିଦ୍ୟୁତ୍ ସେକ୍ସନ-୧ ସାନବଡ଼ ଗୋପାଳପୁର।



ରାଜନଗର ବିଦ୍ୟୁତ୍ ସେକ୍ସନ-୨।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଲକ୍ଷ୍ମୀପ୍ରିୟା



@ ରାମକ୍ରିଷ୍ଣ



@ ସୁଦୀପ୍ତ



@ ସୁରେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଚା' ପିଇ ସମସ୍ୟା ଶୁଣିଲେ ଶିଳ୍ପମନ୍ତ୍ରୀ

କୁଜଙ୍ଗ,୧୬।୯(ମନୋଜ ପ୍ରଧାନ)

ମହମ୍ମଦ ଜୟନ୍ତୀ ଅବସରରେ ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କୁଜଙ୍ଗସ୍ଥିତ ମସ୍‌ଜିଦକୁ ଯାଇ ମୁସଲମାନ ଭାଇଭଉଣୀଙ୍କୁ ଅଭିନନ୍ଦନ ଜଣାଇଥିଲେ। କୁଜଙ୍ଗ ପଞ୍ଚାୟତ କାର୍ଯ୍ୟାଳୟରେ ୱାର୍ଡ ସଭ୍ୟାସଭ୍ୟଙ୍କ ସମସ୍ୟା ଶୁଣିଥିଲେ। ପରେ କୁଜଙ୍ଗର ଏକ ଚା' ଦୋକାନରେ ପହଞ୍ଚି ସାଧାରଣ ଲୋକଙ୍କ ସହ ଚା' ପିଇବା ସହ ଅଞ୍ଚଳର ସମସ୍ୟା ଓ ଆବଶ୍ୟକତା ସମ୍ପର୍କରେ ପଚାରି ବୁଝିଥିଲେ। ମନ୍ତ୍ରୀ ସ୍ୱାଇଁଙ୍କ ସହ କୁଜଙ୍ଗ ସରପଞ୍ଚ ବନ୍ଦିତା ଦାସ, ଗୋପିଆକୁଦ ସରପଞ୍ଚ ଶ୍ରୀନିବାସ ସ୍ୱାଇଁ, ବାଲିଆ ସରପଞ୍ଚ ସରୋଜିନୀ ନାୟକ, ରୋହିତ ଜେନା, ରାଜେନ୍ଦ୍ର ନାରାୟଣ ଦାସ, ଲିଙ୍ଗରାଜ ମହାରଣା ଓ ନୃସିଂହ ନାଥ ପ୍ରମୁଖ ଉପସ୍ଥିତ ଥିଲେ।

# ଆରମ୍ଭ ହେଲା ପାରାଦୀପର ପ୍ରସିଦ୍ଧ ବିଶ୍ୱକର୍ମା ପୂଜା

### କଳସ ଯାତ୍ରାରେ ଦୁଲୁକିଲା ସହର

ପାରାଦୀପ,୧୬।୯(ଶରତ ରାଉତ):

ପାରାଦୀପର ଅନ୍ୟତମ ଗଣପର୍ବ ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ମହୋତ୍ସବ ମଙ୍ଗଳବାରରୁ ଆରମ୍ଭ ହୋଇଛି। ଏହା ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରଥମ ଦିନରେ ପାଗ ଶୁଖିଲା ରହିବା ଯୋଗୁ ଲୋକଙ୍କ ଭୀଡ଼ ହୋଇଛି। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଗୋଟିଏ ପରେ ଗୋଟିଏ ସଂଘର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଘଣ୍ଟ ମୃଦଙ୍ଗ ବାଦ୍ୟ ଓ ବିଭିନ୍ନ ପ୍ରକାର ଘୋଡ଼ା ନାଚ ଭଳି ଆକର୍ଷଣୀୟ କାର୍ଯ୍ୟକ୍ରମ ଚାଲିଥିଲା। ବିଶେଷକରି ଭାରତୀୟ ମଜ୍‌ଦୁର ସଂଘ, ଓ ପାରାଦୀପ ଏରସମା ଶିଳ୍ପାଞ୍ଚଳ ଶ୍ରମିକସଂଘ କଳସ ଶୋଭାଯାତ୍ରାରେ ହଜାରରୁ ଅଧିକ ମହିଳା ସାମିଲ ହୋଇଥିଲେ। ସମସ୍ତଙ୍କ ସମାନ ରଙ୍ଗର ଶାଢ଼ି ସହ ଧାଡ଼ି ଶୋଭାଯାତ୍ରା ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିଲା। ଅନ୍ୟ ଆୟୋଜକମାନେ କଳସ ଶୋଭାଯାତ୍ରା କରିଥିଲେ। ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଅର୍ଦ୍ଧାଧିକ ମଣ୍ଡପରେ ବିଶ୍ୱକର୍ମା ମୂର୍ତ୍ତିରୁ ମୁଖା ଖୋଲାଯାଇ ନ ଥିଲା। କାରଣ ପୂଜାବିଧି ଆରମ୍ଭ ହୋଇଥିଲା। ଚଳିତ ଥର ପ୍ରମୁଖ ଆକର୍ଷଣ ମଣ୍ଡପ ମଧ୍ୟରେ ଜଗତ୍‌ସିଂହପୁର ଜିଲା ଟ୍ରକ ମାଲିକ ସଂଘର ବୁର୍ଜ ଖଲିଫା, ପାରାଦୀପ ଟ୍ରକ ମାଲିକ ସଂଘର ଟ୍ୱିନ୍ ଟାୱାର, ଜଗନ୍ନାଥ ଟ୍ରକ୍ ମାଲିକ ସଂଘର ରାମ ମନ୍ଦିର, ଓମ୍ପାର ଟେରାକୋଟା କାରୁକାର୍ଯ୍ୟ, ଡମ୍ପର ସଂଘର ମୟୂରପୁଚ୍ଛ ତୋରଣ, ମେରାଇନ ବିଭାଗର ହାତୀ ତୋରଣ, ପାରାଦୀପ ଏରସମା ଶ୍ରମିକସଂଘର ବିଶାଳ ରାଜମହଲ ତୋରଣ, ଭାରତୀୟ ମଜ୍‌ଦୁର ସଂଘର ସୁଉଚ୍ଚ ତୋରଣ ଆଦି ରହିଛି। ତା'ସହ ଆଲୋକୀକରଣ ଗେଟ୍, ବାହ୍ୟ ସାଜସଜ୍ଜା ଆଦି କାରୁକାର୍ଯ୍ୟ ରହିଛି। କେତେକ ତୋରଣ ପାଖରେ ଛୋଟ କୁଟୀର କରାଯାଇ ମହିଳା ସୁରକ୍ଷା ଉପରେ ସଚେତନତା ମୂର୍ତ୍ତି, ପୁରୁଣା କାଳର ବିବାହ ପରମ୍ପରା ସବାରି-ପାଲିଙ୍କି, ଡେଙ୍ଗୁ ସଚେତନତା ଭଳି କାରୁକାର୍ଯ୍ୟ ରହିଛି। ସନ୍ଧ୍ୟାରେ କେତେକ ମଣ୍ଡପ ଆଗରେ ମେଲୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ଏରସମାସ୍ଥିତ ଗଡ଼ହରିଶପୁର ଗ୍ରାମରେ ବିଶ୍ୱକର୍ମାଙ୍କ ପୂଜା ଚାଲିଛି।

# ଗୋଟିଏ ସ୍ଥାନରେ ଜଳିଲା ୨ ସାଙ୍ଗଙ୍କ ଜୁଇ

### ସଡ଼କ ଦୁର୍ଘଟଣାରେ ୨ ସାଙ୍ଗଙ୍କ ମୃତ୍ୟୁ ଘଟଣା

## ଅଧା ରହିଗଲା ଗଣେଶ ଭସାଣି

ରଘୁନାଥପୁର,୧୬।୯
(ରାଜେନ୍ଦ୍ର ନାରାୟଣ ସିଂହ)

ଜଗତ୍‌ସିଂହପୁର ଜିଲା ରଘୁନାଥପୁର ଥାନା ତାରପୁର ପଞ୍ଚାୟତ ଅନ୍ତର୍ଗତ ଗୋକୁଳପୁର ଗ୍ରାମରେ ସଡ଼କ ଦୁର୍ଘଟଣାରେ ରବିବାର ୨ ସାଙ୍ଗଙ୍କ ମୃତ୍ୟୁ ଘଟିବା ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ସେମାନେ ଏହି ଗ୍ରାମର ଅକ୍ଷୟ କୁମାର ସିଂହଙ୍କ ପୁଅ ଅଭିଜିତ ସିଂହ (୨୫) ଓ କୃଷ୍ଣଚନ୍ଦ୍ର ସାହୁଙ୍କ ପୁଅ ଦିଲୀପ କୁମାର ସାହୁ(୨୩)। ସୋମବାର ଗ୍ରାମ ଶ୍ମଶାନରେ ଉଭୟଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଗଣେଶ ଭସାଣିରେ ଯୋଗଦେବା ପାଇଁ ଅଭିଜିତ ଭୁବନେଶ୍ୱରରୁ ବାହାରି ସାଲେପୁରରୁ ସାଙ୍ଗ ଦିଲୀପଙ୍କୁ ଧରି ନିଜ ଗ୍ରାମ ଅଭିମୁଖେ ବାହାରିଥିଲେ। ତାରପୁର ମହାନଦୀ ବ୍ରିଜ ପାର ହୋଇ ୫୦ ମିଟର ଆସିବା ପରେ ଏକ କାର ତାଙ୍କୁ ଧକ୍କା ଦେଇ ପଳାଇଥିଲା। ଫଳରେ ଉଭୟ ସାଙ୍ଗ ୩୦ ଫୁଟ ତଳକୁ ଖସିପଡି ଗଛରେ ପିଟି ହୋଇ ଗୁରୁତର ହୋଇଥିଲେ। ସେମାନଙ୍କ ମୁହଁ ଓ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ସୋମବାର ଅଭିଜିତ ଓ ଦିଲୀପଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ଗ୍ରାମରେ ପହଞ୍ଚି ଥିଲା। ଅପରପକ୍ଷେ ଦୁର୍ଘଟଣା ଘଟାଇଥିବା କାର୍‌କୁ ପୋଲିସ ଜବତ କରି ଥାନାରେ ମାମଲା(ନଂ.୨୨୩/୨୪)ରୁଜୁ କରିଛି। ଏହି ଘଟଣାରେ ମ୍ରିୟମାଣ ହୋଇ ନିକଟସ୍ଥ କେନାଲରେ ଗ୍ରାମର ଯୁବକମାନେ ଗଣେଶଙ୍କ ମୂର୍ତ୍ତିକୁ ମେଲାଣି ଦେଇଛନ୍ତି। ଏଥିସହ ଭସାଣି ଉତ୍ସବ ପାଇଁ ପ୍ରସ୍ତୁତ ବାଜାବାଣ ରୋଶଣି ବନ୍ଦ କରାଯାଇଥିଲା।



ଦିଲୀପ ସାହୁ



ଅଭିଜିତ୍ ସିଂହ

# କବିଙ୍କ ଲେଖନୀରେ ସମାଜ ସଚେତନ ହୁଏ

### ପ୍ରେରଣା ସାହିତ୍ୟ ସଂସଦର ଷୋଡ଼ଶତମ ଉତ୍ସବ

ଏରସମା,୧୬।୯ (ଦୀପ୍ତି ଖଣ୍ଡୁଆଳ)

ପ୍ରେରଣା ସାହିତ୍ୟ ସଂସଦର ଷୋଡ଼ଶତମ ଉତ୍ସବ ଏରସମା ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ପୀଠରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବର ପ୍ରଥମ ପର୍ଯ୍ୟାୟରେ ବିଷ୍ଣୁପ୍ରିୟା ମିଶ୍ର ସଭାପତିତ୍ୱ କରିଥିବାବେଳେ ଦ୍ୱିତୀୟ ଆସରରେ ନଗେନ୍ଦ୍ରନାଥ ସ୍ୱାଇଁ ସଭାପତିତ୍ୱ କରିଥିଲେ, ସମ୍ପାଦକ ପଣ୍ଡିତ ନାଗୁଚରଣ ଦେବତା, ଅରୁଣ କୁମାର ବେହେରା ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପାଦନ କରିଥିଲେ। ୬୦ରୁ ଅଧିକ କବି କବୟିତ୍ରୀ ନିଜର ସ୍ୱରଚିତ କବିତା ପାଠ କରି ସମାଜକୁ ଶୃଙ୍ଖଳିତ କରିବାର ବାର୍ତ୍ତା ଦେଇଥିଲେ। ଆସରରେ ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ଉପସ୍ଥିତ ହୋଇ କବିମାନଙ୍କ ଲେଖାକୁ ପ୍ରଶଂସା କରି ସମ୍ମାନିତ କରିଥିଲେ। କବି ଦ୍ୱିତୀୟ ଈଶ୍ୱର। ତାଙ୍କ ଲେଖନୀ ଦ୍ୱାରା ସମାଜ ସଚେତନ ହୋଇଯାଏ ବୋଲି କହିଥିଲେ। ଡା. ବସନ୍ତ ମଞ୍ଜରୀ ଦାସଙ୍କ ଗଳ୍ପ ସଂକଳନ କିଛି କଥା କିଛି ବ୍ୟଥା ବିଧାୟକ ସାରଦା ପ୍ରସନ୍ନ ଜେନାଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା। ଉକ୍ତ ଆସରରେ ବ୍ରହ୍ମାନନ୍ଦ ବିଶ୍ୱାଳ, ଜୀବନାନନ୍ଦ ଅଧିକାରୀ, ହେମନ୍ତ କୁମାର ନାୟକ, ଅମ୍ବିକା ପ୍ରସାଦ ମହାନ୍ତି, ପ୍ରେମଚରଣ ରାଉତ, ନାରାୟଣ ମହାରଣା, ନିରୂପମା ପାଣି ଓ ରଶ୍ମିତା ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ବୈଦ୍ୟନାଥ ସାହୁ ଓ କ୍ଷୀରୋଦ ଚନ୍ଦ୍ର ସେଠୀ କବିତାଗୁଡ଼ିକୁ ସଂଯୋଜନା କରିଥିଲେ। ଶେଷରେ ଯଯାତି କେଶରୀ ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ।




ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ।



ଖଣ୍ଡପଡ଼ାରେ ବିଶ୍ୱକର୍ମା।


ଦଶପଲ୍ଲାରେ ପୂଜା ପାଉଥିବା ବିଶ୍ୱକର୍ମା।


ନୟାଗଡ଼ ଜଳସମ୍ପଦ ବିଭାଗ କାର୍ଯ୍ୟାଳୟ।


ନୟାଗଡ଼ ଜନସ୍ୱାସ୍ଥ୍ୟ ବିଭାଗ।


ନୟାଗଡ଼ ମିସ୍ତ୍ରି, ଠିକାଦାର ସଂଘ।


ଓଡ଼ଗାଁ


ନୟାଗଡ଼ ସହର ଖଣ୍ଡପଡ଼ା ରୋଡ ବିଦ୍ୟୁତ୍ ଷ୍ଟକଚର।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ଲକ୍ଷ୍ମୀପ୍ରିୟା


@ ରାମକ୍ରିଷ୍ଣ


@ ସୁଦୀପ୍ତ


@ ସୁରେଶ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଠେଙ୍ଗାପାଳିରେ ଜଙ୍ଗଲ ସୁରକ୍ଷା ଆଣିଲା ସୁଫଳ

- କାଲଞ୍ଜରି, ବିଲୁଅପଡ଼ା ପରି ୫ଟି ଜଙ୍ଗଲ ସବୁଜିମା
- ପଦା ହୋଇଯାଇଥିଲା ୫ ଜଙ୍ଗଲ

ନୟାଗଡ଼,୧୬।୯(ଲୋକନାଥ ମିଶ୍ର)

ନୟାଗଡ଼ ବନଖଣ୍ଡ ଦଶପଲ୍ଲା ବନାଞ୍ଚଳ କୁଲୁରୁକୁମ୍ପା ପଞ୍ଚାୟତ ଟାଙ୍ଗନାଡ଼ି ଗାଁର ଡାବଳି ପାହାଡ଼, ଚରିଆବଣ, ଭାଲୁ ମୁଣ୍ଡିଆ, ବିଲୁଆପଡ଼ା ଜଙ୍ଗଲ ଏବଂ ଭୋଗବାରୀ ପଞ୍ଚାୟତ କୁଟୁବାରୀର କାଳଞ୍ଜରି ଜଙ୍ଗଲ ପରି ୫ ଜଙ୍ଗଲ ସବୁଜିମା ହୋଇ ପାରିଛି। ଠେଙ୍ଗାପାଳିରେ ଜଙ୍ଗଲ ସୁରକ୍ଷା କରିବା ପରେ ଏପରି ସଫଳତା ମିଳିଛି। ନିଜ ପାଇଁ ନିଜେ ଜଙ୍ଗଲ ସୁରକ୍ଷା କରୁ କରୁ ଟାଙ୍ଗନାଡ଼ି ଗାଁର ୪୫ ଏକର ଜଙ୍ଗଲ ଓ କୁଟୁବାରୀ ଗାଁର କାଳଜଂରୀ ଜଙ୍ଗଲ ସୁରକ୍ଷିତ ହୋଇ ପାରିଛି। ଆଉ ସେହି ଜଙ୍ଗଲରେ ଶାଳ, ପିଆଶଳା, ଅସନ, ବାନ୍ଧଣ, ବାଉଁଶ, କୁସୁମ ପରି ଗଛ ଦେଖିବାକୁ ମିଳୁଛି। ଅନ୍ୟପକ୍ଷେ ଆଦିବାସୀଙ୍କୁ ଉପରୋକ୍ତ ଜଙ୍ଗଲ ବଞ୍ଚିବାର ରାହା ଯୋଗାଇଛି।

କୁଟୁବାରୀ ଗାଁର କାଳଞ୍ଜରି ଜଙ୍ଗଲ ପଦା ହୋଇ ଯାଇଥିଲା। ୨୦୧୯ରେ ଆଦିବାସୀମାନେ ଏକଜୁଟ ହୋଇ ଜଙ୍ଗଲ ସୁରକ୍ଷା କରିଥିଲେ। ୫ ବର୍ଷ ଭିତରେ ଜଙ୍ଗଲର ରୂପ ବଦଳି ଯାଇଛି। ଟାଙ୍ଗନାଡ଼ି ଗାଁର ଡାବଳି ପାହାଡ଼, ଚରିଆବଣ, ଭାଲୁମୁଣ୍ଡିଆ, ବିଲୁଆପଡ଼ା ଜଙ୍ଗଲ ୨୦୦୦ ମସିହା ବେଳକୁ ପଦା ହୋଇଗଲା। ଆଦିବାସୀମାନେ ଆଉ ଜଙ୍ଗଲରୁ ଶାଳ ଓ ଶିଆଳି ପତ୍ର ପାଇଲେ ନାହିଁ। ସେହିଭଳି ଫୁଲ ଝାଡୁ କରି ପାରିଲେ ନାହିଁ। ବଣଫଳ ମୂଳ ପାଇଲେ ନାହିଁ। ଯାହାକି ସେମାନଙ୍କର ବଞ୍ଚିବା ପାଇଁ କଷ୍ଟକର ହୋଇ ପଡ଼ିଲା। ଜଙ୍ଗଲ ଜଗିବା ପାଇଁ ଯଦିଓ ଆଦିବାସୀମାନେ ଆଗ୍ରହ ପ୍ରକାଶ କରୁଥିଲେ ତେବେ କାଠ ମାଫିଆମାନେ ସେମାନଙ୍କୁ ହଇରାଣ ହରକତ କରୁଥିଲେ। ସୋମନଙ୍କର ମଧ୍ୟରେ ବିବାଦ ସୃଷ୍ଟି କରୁଥିଲେ। ତେବେ ୨୦୦୩ରେ ମହିଳାପୁରୁଷ ଆଦିବାସୀ ଏକଜୁଟ ହୋଇ ଜଙ୍ଗଲ ଜଗିଥିଲେ। କାଠମାଫିଆଙ୍କୁ ଟାର୍ଗେଟ କରି ସେମାନଙ୍କୁ ରୋକ୍ ଲଗାଇଲେ। ଧୀରେ ଧୀରେ ଜଙ୍ଗଲ ବଢ଼ିବାରେ ଲାଗିଲା। ଗାଁର ମହିଳାପୁରୁଷ ଏକାଠି ହୋଇ ପାଳି କରି ଠେଙ୍ଗାପାଳିରେ ଜଙ୍ଗଲ ସୁରକ୍ଷା କଲେ। ସୁରକ୍ଷାର ୭ବର୍ଷ ପରେ ସେମାନଙ୍କର ଜୀବନ ଜୀବିକା ପୁଣି ଜଙ୍ଗଲ ପୂରଣ କଲା। ଜଙ୍ଗଲରୁ ଶାଳ ଓ ଶିଆଳି ପତ୍ର ଆଣି ଖଲି ତିଆରି କଲେ। ଫୁଲ ଝାଡୁ ମଧ୍ୟ ତିଆରି କଲେ। ପାଣିଆଳୁ, ମସିହା, କଡ଼ବା, ଟୁଙ୍ଗା ଆଦି ପନିବରିବା ସଂଗ୍ରହ କରି ଖାଇବା ସହ ବିକ୍ରି କରି ଗୁଜୁରାଣ ମେଣ୍ଟାଇଲେ। ଏବେ ଆଦିବାସୀମାନେ ଆଦିବାସୀଙ୍କ ଗୋଷ୍ଠୀ ଜଙ୍ଗଲ ସମ୍ବଳ ଅଧିକାରର ଜଙ୍ଗଲ ପଟ୍ଟା ପାଇବାକୁ ସରକାରଙ୍କ ନିକଟରେ ଆବେଦନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏ ନେଇ ଗାଁର ପଦ୍ମ ଚରଣ ମାଝି, ନିରୁପମା ମାଝି, ମନୋରଞ୍ଜନ ବେହେରା କହିଛନ୍ତି, ଆଦିବାସୀଙ୍କ ଏକତା ଜଙ୍ଗଲକୁ ସୁରକ୍ଷା କରିପାରିଲା। ଜଙ୍ଗଲ ସୃଷ୍ଟି ପରେ ଆଦିବାସୀଙ୍କ ଜୀବନଜୀବିକାରେ ଆଉ ଅସୁବିଧା ହେଉନାହିଁ। ଗାଁର ୨୭ପରିବାର ଲୋକ ଜଙ୍ଗଲ ଉପରେ ନିର୍ଭର କରି ଚଳୁଛନ୍ତି। ତେବେ ସରକାର ଆମକୁ ଜଙ୍ଗଲ ଜମି ପଟ୍ଟା ଯୋଗାଇ ଦିଅନ୍ତୁ ବୋଲି କହିଛନ୍ତି। କୁଟୁବାରୀ ଗାଁର ସାଧବ ଜାନୀ, ସରୋଜିନି ମାଝି, ମଥୁରା ଜାନୀ କହିଛନ୍ତି, ଜଙ୍ଗଲ ସୁରକ୍ଷା ପରେ ଜଙ୍ଗଲରେ କୋଟରା, ବାର୍ହା, ମୟୂର ପରି ବନ୍ୟ ପ୍ରାଣୀ ରହିଲେଣି। ଏପରିକି ହାତୀଙ୍କ ଉତ୍ପାତ ଲାଗି ରହିଛି। ହାତୀମାନେ ବାଉଁଶ ଗଛ ନଷ୍ଟ କରି ଦେଉଛନ୍ତି। ଆମ ଜଙ୍ଗଲରୁ ଆମେ ନିତ୍ୟ ବ୍ୟବହାର୍ଯ୍ୟ ଉପକରଣ ସଂଗ୍ରହ କରୁଛୁ। ଜଙ୍ଗଲ ଆମକୁ ବଞ୍ଚିବାର ରାହା ଯୋଗାଇଛି।


ଦଶପଲ୍ଲା ବନାଞ୍ଚଳ ଭୋଗବାରୀ ପଞ୍ଚାୟତକୁଟୁବାରୀର କାଞ୍ଜଜରି ଜଙ୍ଗଲକୁ ମହିଳାମାନେ ଠେଙ୍ଗା ଧରି ଜଗିଛନ୍ତି।

# ସମାଜରୁ ଜାତିପ୍ରଥା ଦୂର କରିବାକୁ ଉଦ୍ୟମ ଦରକାର


ଉତ୍ସବରେ ଉପସ୍ଥିତ ସାଧୁସନ୍ଥ ଓ ଅତିଥିମାନେ।

## ମହର୍ଷି ଦୟାନନ୍ଦ ଚାରିଟେବୁଲ ଟ୍ରଷ୍ଟର ୮ମ ବାର୍ଷିକ ଉତ୍ସବ

ଓଡ଼ଗାଁ,୧୬।୯
(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ନିକଟସ୍ଥ ପଥରା ବୃଦ୍ଧାଶ୍ରମ ପରିସରରେ ମହର୍ଷି ଦୟାନନ୍ଦ ଚାରିଟେବୁଲ ଟ୍ରଷ୍ଟର ୮ମ ବାର୍ଷିକ ଉତ୍ସବ ସୋମବାରେ ଉଦ୍‌ଯାପିତ ହୋଇଯାଇଛି। ଆରେଡା ଆର୍ଯ୍ୟ ସମାଜ ପ୍ରମୁଖ ରଘୁନାଥ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ପରିବ୍ରାଜକ ସ୍ୱାମୀ ଆତ୍ମାନନ୍ଦ ସରସ୍ୱତୀ, ପଣ୍ଡିତ ଏ. ରାଜଗୋପାଳ ଦୋରା ଓ ପୂର୍ବତନ ଡିଏଫ୍‌ଓ ତଥା ପରିବେଶବିତ୍ ସୁରେଶ ଚନ୍ଦ୍ର ହୋତା ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ବକ୍ତାମାନେ ବୈଦିକ ଜ୍ଞାନ, ସଂସ୍କୃତି ଓ ସଭ୍ୟତାର ପ୍ରଚାରପ୍ରସାର ନିମନ୍ତେ ମତପୋଷଣ କରିଥିଲେ। ସମାଜରୁ ପାଖଣ୍ଡ, କୁସଂସ୍କାର ଓ ଅନ୍ଧବିଶ୍ୱାସ ଓ ଜାତିପ୍ରଥା ଦୂରକରିବାକୁ ସବୁ ସ୍ତରରେ ଉଦ୍ୟମ କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ଦିନକୁଦିନ ସଡ଼କ ସୁରକ୍ଷା ତଥା ନିରପତ୍ତା ଚିନ୍ତାର କାରଣ ସାଜିଥିବାବେଳେ ଏହାକୁ ବ୍ୟାପକ ଭାବେ ସବୁମତେ ବହୁଳ ଭାବେ ପ୍ରଚାର କରିବା ସହ ମୂଲ୍ୟବାନ୍ ଜୀବନ ରକ୍ଷା କରିବାକୁ ଉଦ୍ୟମ କରିବାକୁ କହିଥିଲେ। ଅନ୍ୟପକ୍ଷେ ଶନିବାର ଉଦ୍‌ଘାଟନ ହୋଇଥିବା ବାର୍ଷିକ ଉତ୍ସବ ପ୍ରାରମ୍ଭରେ ଓମ୍ ଧ୍ୱଜା ଉତ୍ତୋଳନ ସହ ପ୍ରତିଷ୍ଠାନର ପ୍ରତିଷ୍ଠାତା ସ୍ୱର୍ଗତ ଶଶିଭୂଷଣ ଆଚାରୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ୩ ଦିନବ୍ୟାପୀ ଦୈନିକ ସାମୂହିକ ପ୍ରଭାତ ବନ୍ଦନା, ଯୋଗାସନ, ଭଜନ, ଯଜ୍ଞ ସହ ବୈଦିକ ପ୍ରବଚନ ସହିତ ବୈଦିକ ସତ୍‌ସଙ୍ଗ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ଦିବସରେ ପୂର୍ବତନ ଅଧ୍ୟକ୍ଷ ବାଲ୍ମୀକି ପଟ୍ଟନାୟକ, ଗୁଜରାଟରୁ ଆସିଥିବା ପରିବ୍ରାଜକ ସ୍ୱାମୀ ମୁକ୍ତାନନ୍ଦ, ନୂଆପଡ଼ା ହରିପୁର ଗୁରୁକୁଳ ସଞ୍ଚାଳକ ଡ. ସୁଦର୍ଶନ ଦେବ ଏବଂ ପୂର୍ବତନ ଅଧ୍ୟକ୍ଷ ବିକାଶ କୁମାର ପଣ୍ଡା ଏବଂ ନୟାଗଡ଼ ପୌରାଧ୍ୟକ୍ଷା ନିରୁପମା ଖଟେଇ ଅଂଶଗ୍ରହଣ କରି ସମସ୍ତ କାର୍ଯ୍ୟକ୍ରମରେ ସକ୍ରିୟ ଭାଗନେଇଥିଲେ। ସେହିପରି ନୃସିଂହ ବ୍ରହ୍ମଚାରୀ ଯଜ୍ଞ କାର୍ଯ୍ୟ ପରିଚାଳନା କରିଥିଲେ। ନିକଟସ୍ଥ ଗଞ୍ଜାମ ଜିଲା ଚଢ଼ିୟାପଲ୍ଲୀ ଗୋପବନ୍ଧୁ ଚାରିଟେବୁଲ ଟ୍ରଷ୍ଟ ସଦସ୍ୟଙ୍କୁ ସେମାନଙ୍କ ଅକୁଣ୍ଠ ସାମାଜିକ ସେବା ନିମନ୍ତେ ଭୂୟସୀ ପ୍ରଶଂସା କରାଯାଇଥିଲା। ଆରେଡ଼ା ଆର୍ଯ୍ୟ ସମାଜ ସଭାପତି ଶ୍ରୀକାନ୍ତ କୁମାର ଖଟେଇ ଓ ପ୍ରତିଷ୍ଠାନ ପରିଚାଳକ ଅରୁଣ ଶଙ୍କର ଆଚାରୀ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ତଥା ପଡ଼ୋଶୀ ଗଞ୍ଜାମ, କନ୍ଧମାଳ ଜିଲାରୁ ଶତାଧିକ ଶ୍ରଦ୍ଧାଳୁ ସପରିବାର ସକ୍ରିୟ ଅଂଶଗ୍ରହଣ କରିବା ସହ ସାମାଜିକ କୁସଂସ୍କାର ଦୂରକରିବାକୁ ଶପଥ ନେଇଥିଲେ।

# ବୃଦ୍ଧ ନିଖୋଜ

ଗଣିଆ,୧୬।୯(ସନ୍ତୋଷ କୁମାର ପ୍ରଧାନ)

ଗଣିଆ ଥାନା ଅନ୍ତର୍ଗତ ଛାମୁଣ୍ଡିଆ ପଞ୍ଚାୟତ କୁମ୍ଭୀର ଖଣି ଗ୍ରାମର ଜଣେ ବୃଦ୍ଧ ବ୍ୟକ୍ତି ରବିବାର ନିଖୋଜ ହୋଇଯାଇଛନ୍ତି। ନିଖୋଜ ବ୍ୟକ୍ତି ଜଣକ ହେଲେ ରମେଶ ଚନ୍ଦ୍ର ଧଳ (୬୩)। ସେ ସକାଳ ୬ଟାଠାରୁ କେଉଁ ଆଡ଼େ ଚାଲି ଯାଇଛନ୍ତି। ପରିବାର ଲୋକେ ସବୁଆଡ଼େ ଖୋଜାଖୋଜି କରି କୌଣସି ସନ୍ଧାନ ନ ପାଇ ପୁଅ ରଜନୀକାନ୍ତ ଗଣିଆ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସେ ସାଙ୍ଗରେ କେବଳ ଝୁଲିମୁଣି ଓ କିଛି ପୂଜା ସାମଗ୍ରୀ ନେଇ ଯାଇଛନ୍ତି। ପୋଲିସ ଏ ନେଇ ନିଖୋଜ ବ୍ୟକ୍ତିଙ୍କ ସନ୍ଧାନ ଜାରି ରଖିଛି।

# ବିଭିନ୍ନ ସ୍ଥାନରେ ବିଶ୍ୱକର୍ମା ପୂଜା

ଦଶପଲ୍ଲା,୧୬।୯( ପ୍ରକାଶ କୁମାର ପାଣି)

ଦଶପଲ୍ଲା ବ୍ଲକର ବିଭିନ୍ନ ସ୍ଥାନରେ ବିଶ୍ୱକର୍ମାଙ୍କ ପୂଜା ଅନୁଷ୍ଠିତ ହୋଇଥିଲା। ଏହି ଉପଲକ୍ଷେ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ, ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ, ଆଇଟିଆଇ ଶିକ୍ଷାନୁଷ୍ଠାନ, ବିଶ୍ୱକର୍ମା ବଜାର, ସିମିଳିସାହି ଛକସ୍ଥିତ ଛତୁଆ କମ୍ପାନୀ ସମେତ ବିଭିନ୍ନ ସ୍ଥାନରେ ପୂଜା ଆୟୋଜିତ ହୋଇଥିଲା। ପୂଜା ନିମନ୍ତେ ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିବା ଜଣାଯାଇଛି।

# ବସ୍ ଧକ୍କାରେ ବୃଦ୍ଧାଙ୍କ ମୃତ୍ୟୁ

ଭାପୁର, ୧୬।୯ (ଭରତ କୁମାର ବେହେରା )

ଫତେଗଡ଼ ଥାନା ଅଞ୍ଚଳରେ ସୋମବାର ଭୁବନେଶ୍ୱର ଯିବା ପାଇଁ ବସ୍‌କୁ ଅପେକ୍ଷା କରିଥିବା ବୃଦ୍ଧାଙ୍କ ବସ୍ ଧକ୍କାରେ ମୃତ୍ୟୁ ଘଟିଛି। ଥାନା ଅନ୍ତର୍ଗତ ଭାପୁର-କଳାପଥର ବାଇପାସ୍ ରାସ୍ତା କରଡ଼ାପଲ୍ଲୀ ଛକରେ ଏହି ଦୁର୍ଘଟଣା ଘଟିଛି। ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅନ୍ତର୍ଗତ ଧଳାପଥର ଫାଣ୍ଡିରେ ଡ୍ରାଇଭର ବସ୍ ସହ ଆତ୍ମସମର୍ପଣ କରିଛନ୍ତି।

ମୃତକ ହେଲେ ଭାପୁର ବ୍ଲକ୍ ଗୋଳାପୋଖରୀ ପଞ୍ଚାୟତ କରଡାପଲ୍ଲୀ ଗ୍ରାମର ସ୍ୱର୍ଗତ ଦୁଃଶାସନ ବେହେରାଙ୍କ ସ୍ତ୍ରୀ ହୁଲାସ (୬୪)। ହୁଲାସ ତାଙ୍କ ୨ ପୁଅ ଓ ବୋହୂଙ୍କ ସହ ଭୁବନେଶ୍ୱରରେ ଭଡ଼ାଘରେ ରୁହନ୍ତି। ରବିବାର ନିଜ ଗ୍ରାମକୁ ସମସ୍ତେ ଆସିଥିଲେ ତ୍ରିନାଥ ମେଳା ପୂଜାର୍ଚ୍ଚନା କରିବା ପାଇଁ। ତ୍ରିନାଥ ମେଳା କରି ସୋମବାର ସକାଳୁ ସାନ ବୋହୂ ସହ ଭୁବନେଶ୍ୱର ଯିବା ପାଇଁ ଭାପୁର କଳାପଥର ବାଇପାସ୍ ରାସ୍ତା କରଡାପଲ୍ଲୀ ଛକରେ ବସ୍‌କୁ ଅପେକ୍ଷା କରିଥିଲେ। ଏହି ସମୟରେ ତାଙ୍କୁ ଭାପୁର ପଟରୁ ଏକ କୁମାର ନାମକ ଘରୋଇ ଯାତ୍ରୀବାହୀ ବସ୍ ନଂ. (ଓଡି ୨୫ ଏନ ୦୪୧୫ ) ବେପରୁଆ ଭାବେ ଚାଳକ ଚାଳନାକରି ଦ୍ରୁତଗତିରେ ଆସି ଧକ୍କା ଦେଇଥିଲା। ଫଳରେ ହୁଲାସ ୧୫ ଫୁଟ ଦୂରକୁ ଛିଟିକି ପଡ଼ିଥିଲେ। ଘଟଣାସ୍ଥଳରେ ହୁଲାସଙ୍କ ମୃତ୍ୟୁ ହୋଇଥିଲା। କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ଭାପୁର-କଳାପଥର ବାଇପାସ୍ ଦୀର୍ଘ ସମୟ ରାସ୍ତାରୋକୋ କରିଥିଲେ। ଫତେଗଡ଼ ଥାନାଧିକାରୀ ପଞ୍ଚାନନ ପରିଡ଼ାଙ୍କ ନିର୍ଦ୍ଦେଶରେ ଘଟଣାସ୍ଥଳରେ ଭାପୁର ବିଟ୍ ହାଉସ ଅଧିକାରୀ ସଞ୍ଜୟ କୁମାର ପରିଡ଼ା ଓ ପୋଲିସ କର୍ମଚାରୀ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା ପରେ ରାସ୍ତାରୋକୋ ହଟିଥିଲା। ସେପଟେ ବସ୍ ଧକ୍କା କରି ଧଳାପଥର ଫାଣ୍ଡିରେ ଡ୍ରାଇଭର ବସ୍ ସହ ଆତ୍ମସମର୍ପଣ କରିଥିବା ଜଣାପଡିଛି। ଏହି ବସ୍ ଖଣ୍ଡପଡ଼ାରୁ ଭୁବନେଶ୍ୱର ଅଭିମୁଖେ ଯାଉଥିଲା। ହୁଲାସଙ୍କ ବଡ଼ପୁଅ ରମେଶ ଚନ୍ଦ୍ର ବେହେରାଙ୍କ ଫତେଗଡ଼ ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପୋଲିସ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ପୁରୀ ସ୍ୱର୍ଗଦ୍ୱାରରେ ବଡ଼ପୁଅ ରମେଶ ମୁଖାଗ୍ନି ଦେବା ସହ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

# ୩ବର୍ଷ ପରେ ବି କଲ୍ୟାଣ ମଣ୍ଡପ କାର୍ଯ୍ୟ ଶେଷ ହେଉନି

ଖଣ୍ଡପଡ଼ା,୧୬।୯
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ ୨୨ଟି ପଞ୍ଚାୟତରୁ ୨୦ଟି ପଞ୍ଚାୟତରେ ୨ରୁ୩ ବର୍ଷ ତଳୁ ନୂତନ କଲ୍ୟାଣ ମଣ୍ଡପ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ହେଲେ ବ୍ଲକ ଅଧୀନ ଖଳିସାହି ପଞ୍ଚାୟତରେ ୩ବର୍ଷ ପରେ ବି ଏକ କଲ୍ୟାଣ ମଣ୍ଡପ ଅଧାପନ୍ତରିଆ ଭାବେ ରହିଛି। ଏହି ପଞ୍ଚାୟତ ଅଞ୍ଚଳରେ ନୂତନ କଲ୍ୟାଣ ମଣ୍ଡପ ନିର୍ମାଣ ନିମନ୍ତେ ଅନୁଦାନ ମଞ୍ଜୁର ହେବା ପରେ ବ୍ଲକ ପ୍ରଶାସନର ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କଲ୍ୟାଣ ମଣ୍ଡପ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ମାତ୍ର ୩ ବର୍ଷ ପରେ ବି କଲ୍ୟାଣ ମଣ୍ଡପ ନିର୍ମାଣ କାର୍ଯ୍ୟ ଶେଷ ହୋଇ ପାରି ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଅଧାପନ୍ତରିଆ ଅବସ୍ଥାରେ ଥିବା ଏହି କଲ୍ୟାଣ ମଣ୍ଡପ ପ୍ରତି ବ୍ଲକ ପ୍ରଶାସନ ଓ ଖଳିସାହି ପଞ୍ଚାୟତ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି। ଖଳିସାହି ସରପଞ୍ଚ ଫକୀର ମୋହନ ଦାସଙ୍କୁ ପଚାରିବାରେ କଲ୍ୟାଣ ମଣ୍ଡପ ନିର୍ମାଣ କାର୍ଯ୍ୟ ଶେଷ ନିମନ୍ତେ ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଛି। ଖଣ୍ଡପଡ଼ା ବିଡିଓ ଅଙ୍କୁର ଅଭିଳାଷଙ୍କୁ ପଚାରିବାରେ ଖୁବ୍‌ଶୀଘ୍ର କଲ୍ୟାଣ ମଣ୍ଡପ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ସେ କହିଛନ୍ତି।



